**ବୋଲେରୋ ପଛରେ ପିଟିଲା ବାଇକ୍, ଜଣେ ଗୁରୁତର**

ବଡଗାଁ,(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁ ଆଇସିଡିଏସ ଅଫିସ ସମ୍ମୁଖ ଏସଏଚ- ୧୦ରେ ମଙ୍ଗଳବାର ଅପରାହ୍ନରେ ଏକ ବୋଲେରୋ ପଛରେ ବାଇକ ଧକ୍କା ଦେବାରୁ ବାଇକ ଚାଳକ ଝାରସୁଗୁଡାର ସୁଦାମ ପ୍ରସାଦ (୨୭)ଗୁରୁତର ଆହତ ହୋଇଛନ୍ତି । ବାଇକ ଆରୋହୀ ରାମେଶ୍ୱର ଦାସ (୨୭) ସାମାନ୍ୟ ଆହତ ହୋଇଛନ୍ତି । ଉଭୟେ ରାଜଗାଙ୍ଗପୁରରେ କାମ ସାରି ଘରକୁ ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ସଂକ୍ଷେପରେ

### କୁରଡପୋଶି ଗ୍ରାମରେ ବନ ମହୋତ୍ସବ

ଦେବଗଡ,୬।୭(ଡି.ଏନ.ଏ): ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଲା ଫରେଷ୍ଟ ସେକ୍ସନ ଅଧୀନ କୁରଡପୋଶି ଗ୍ରାମରେ ବନ ବିଭାଗ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ସଭାପତି ବିକେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଣ୍ଡେଇଗୋଲା ଫରେଷ୍ଟର ପ୍ରିତମ ସାହୁ ଓ ଦେବଗଡ ନେହେରୁ ଯୁବକେନ୍ଦ୍ରର ପ୍ରଦୀପ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚାରା ରୋପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବକ ସଂଘର ଉପସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ଶାଶ୍ୱତ ସାହୁ, ସଦସ୍ୟ ପ୍ରଶାନ୍ତ ବେହେରା, ସ୍ୱାଧୀନ ପ୍ରଧାନ, ସୁନୀଲ ସାହୁ, ସୌମ୍ୟ ରଞ୍ଜନ ସାହୁ ଓ ପ୍ରଶାନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

### ବାର୍‌ରେ ବିକ୍ରି ହେଉଛି ଏକ୍ସପାଏରି ମଦ

ଲୋଇସିଂହା, ୬।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ୨୦୧୮ ମସିହାରେ ପ୍ରସ୍ତୁତ ମଦ ବିକ୍ରି



ହେଉଛି। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ କେତେକ ଯୁବକ ଉକ୍ତବାରକୁ ଯାଇ ମଦ ମାଗିଥିଲେ। ବାର କର୍ମଚାରୀ ଇମ୍ପେରିୟଲ ରେଡ ବ୍ଲୁ ନାମକ ହାଫ ସାଇଜର ମଦ ବୋତଲ ଦେଇଥିଲେ । ମଦର ଦାମ ୨୪୫ ଟଙ୍କା ଥିବାବେଳେ ତାହା ଫେବୃୟାରୀ ୨୦୧୮ ମସିହାରେ ପ୍ରସ୍ତୁତି ହୋଇଥିବା ବୋତଲରେ ଉଲ୍ଲେଖ ରହିଛି। ଏକ୍ସପାଏରି ମଦ କହି ଗ୍ରାହକମାନେ ଏହାର ପ୍ରତିବାଦ କରିଥିଲେ। ବାର କର୍ମଚାରୀ ଏହା ବଲାଙ୍ଗୀର ଡିପୋରୁ ଯୋଗାଣ ହୋଇଥିବା କହିଥିଲେ। ଲୋଇସିଂହା ଥାନା ଏସଆଇ ନବୀନ ଭୋଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଅବକାରୀ ବିଭାଗକୁ ଜଣାଇବାକୁ କହିଥିଲେ। ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ମେହେରଙ୍କୁ ପଚାରିବାରୁ ଲୋଇସିଂହା ଅବକାରୀ ଇନ୍ସପେକ୍ଟରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ ବିଜେଡି କର୍ମୀଙ୍କ ମୃତ୍ୟୁ

ଅତାବିରା, ୬।୭ (ଡି.ଏନ.ଏ): ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ ଉଦେପୁର ଗାଁର ବିଜେଡି କର୍ମୀ ନିର୍ମଳ ଦନ୍ତା (୪୯)ଙ୍କ ମଙ୍ଗଳବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଗତ ଜୁନ ୨୯ ତାରିଖରେ ନିର୍ମଳ ଅଏଁଳାପାଲି ଗାଁର ଏକ ବିବାହ ଉତ୍ସବରେ ଯୋଗଦାନ କରି ଫେରୁଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡିଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ବୁର୍ଲା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସାମାଜିକ କର୍ମୀ ପ୍ରମୋଦ ଦନ୍ତା, ବିଜେଡି କର୍ମୀ ଗଣେଶ କର୍ଣ୍ଣ, ସାନନ୍ଦ କରନ, ପ୍ରମୁଖ ସ୍ୱର୍ଗତ ଦନ୍ତାଙ୍କ ଶେଷ ଦର୍ଶନ କରିଥିଲେ।

### ଚାରାରୋପଣ ଅଭିଯାନର ଶୁଭାରମ୍ଭ

ଟିଟିଲାଗଡ଼, ୬।୭ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ନାରେନଠାରେ ନେହେରୁ ଯୁବକେନ୍ଦ୍ର ଏବଂ ଗ୍ରାମର ଆଦର୍ଶ ସାଂସ୍କୃତିକ ସଂଘ ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନବୀନ ଚନ୍ଦ୍ର ନାୟକ, ତହସିଲଦାର ପ୍ରେମଲାଲ ହିଆଲ, ପୋଲିସ ଏଏସଆଇ ଖାମସିଂ ମାଝୀ ଯୋଗଦେଇ ଆଦିଶକ୍ତି ମନ୍ଦିର ପରିସରରେ ଚାରାରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଟିଟିଲାଗଡ କୋଶଲି ସାଂସ୍କୃତିକ ମହାଜୋଟ ସମ୍ପାଦକ ବ୍ୟଙ୍ଗକବି ଟିକେଲାଲ ବେହେରା, ଶରତ ମିଶ୍ର, ଜଗଦୀଶ ଜୈନ, ଦିଗସିରା ସରପଞ୍ଚ ଗୋଲକ ବିହାରୀ ସିଂଭୋଇ, ସ୍ଥାନୀୟ ସମିତି ସଭ୍ୟ ଟଙ୍କଧର ବଗର୍ତ୍ତି, ବନ ବିଭାଗର ଅମରୀଶ ବୁଡେକ, ମନଫୁଲ ଭୋଇ, ଟିଟିଲାଗଡ ନଗର ଆଦିବାସୀ ସଂଘ ସଭାପତି ନିତ୍ୟାନନ୍ଦ ମାଝୀ, ଆଦିବାସୀ ନେତା ବିଭୀଷଣ ମାଝୀ, ଇନ୍ଦ୍ର ମାଝୀ, ଦେବସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋଏଲ ନଦୀରେ ହେବ ବ୍ରିଜ୍ କମ୍ ବ୍ୟାରେଜ୍

ରାଉରକେଲା ଅଫିସ୍, ୬।୭



ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

**ଭିଡିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ କଲେ ଉଦ୍‌ଘାଟନ**

ସୁନ୍ଦରଗଡ଼ ଜିଲା କୋଏଲ ନଦୀରେ ନିର୍ମିତ ହେବାକୁ ଥିବା ବ୍ରିଜ୍ କମ୍ ବ୍ୟାରେଜ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ହେଲେ ରଘୁନାଥପାଲି ନିର୍ବାଚନମଣ୍ଡଳୀର ରାଉରକେଲା ଇସ୍ପାତ ସହରାଞ୍ଚଳ, ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଶ୍ରା, ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକର ଲକ୍ଷାଧିକ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହେବ । ସେହିପରି ରାଉରକେଲା ଇସ୍ପାତ ସହରାଞ୍ଚଳ ସମେତ ଲକ୍ଷାଧିକ ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ସହ ସୁନ୍ଦରଗଡ଼ ଜିଲାର ବିଶ୍ରା ଓ ନୂଆଗାଁ ବ୍ଲକର ଲୋକେ ବିଶେଷ ଭାବେ ଉପକୃତ ହେବେ। ଏଥିରେ ଜଳସଂରକ୍ଷଣ, ବୃହତ୍ ଉଠା ଜଳସେଚନ ସୁଦୃଢୀକରଣ, ପାନୀୟ ଜଳଯୋଗାଣ, ଡ୍ୟାମ ଅଞ୍ଚଳରେ ୪୫୦୦ ହେକ୍ଟର ଖରିଫ ଓ ରବି ଚାଷକୁ ଜଳସେଚନ ସୁବିଧା ହୋଇପାରିବ ବୋଲି କୁହାଯାଇଛି । ଏହି ଅବସରରେ ବିଶ୍ରା ବ୍ଲକ ସଭାଗୃହରେ ଆୟୋଜିତ ଭିଡିଓ କନଫରେନ୍ସରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ବିଶ୍ରା ବ୍ଲକ ଅଧ୍ୟକ୍ଷା ମେନକା ଓରାମ, ସରପଞ୍ଚ ରତନୀ ପୂର୍ତ୍ତୀ, ସୁମୀ କେରକେଟା, ପୁଷ୍ପାଞ୍ଜଳି ଭୂମିଜ, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ମକୁଲ ଏକ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେଶ ଓରାମ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ସୁଧୀର ସୁନ୍ଦର ରାୟ, ରଘୁନାଥପାଲି ନଗର ସଭାପତି ଆର୍ତ୍ତ ମହାରଣା, ସାଧାରଣ ସମ୍ପାଦକ ସତ୍ୟାନନ୍ଦ ବେହେରା, ବିଧାୟକ ପ୍ରତିନିଧି ଭୂଷଣ ସେଠୀ, ଛାତ୍ର ବିଜେଡ଼ି ସଭାପତି ରାକେଶ ସ୍ୱାଇଁ, ବିଶ୍ରା ଯୁବ ବିଜେଡି ସଭାପତି ଶ୍ୟାମଳ ତନ୍ତୀ, ସମିତି ସଭ୍ୟ ବାନ୍ଦ୍ରା ଓରାମ, ସୋମା ଟପ୍ପୋଙ୍କ ସମେତ ବହୁ ଚାଷୀ, ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ଲାଗି ମୋଟ୍ ୩୫୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏଥିରୁ ୨୨୦ କୋଟି ଟଙ୍କାରେ ବ୍ରିଜ୍ କମ୍ ବ୍ୟାରେଜ ନିର୍ମାଣ ହେବ। ଅବଶିଷ୍ଟ ୧୩୪ କୋଟି ଟଙ୍କାରେ ଆପ୍ରୋଚ୍ ରୋଡ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନତୀକରଣ ଓ ଗମନାଗମନ ଉପଯୋଗୀ ରାସ୍ତାକାମ ହେବ ବୋଲି ସୂଚନା ମିଳିଛି। ଏହି ବ୍ରିଜ୍ କମ୍ ବ୍ୟାରେଜ୍‌କୁ ବିଜୁ ବାବୁଙ୍କ ନାମରେ ନାମିତ କରିବା ପାଇଁ ରଘୁନାଥପାଲି ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

# ମୃତକଙ୍କ ମିଳୁନି ପରିଚୟ

ସୁନ୍ଦରଗଡ,୬।୭(ଡି.ଏନ୍.ଏ.)

**ରାସ୍ତା କଡରୁ କ୍ଷତବିକ୍ଷତ ଯୁବକଙ୍କ ମୃତଦେହ ଜବତ ଘଟଣା**

ସୁନ୍ଦରଗଡ ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେର ଫିଟିଙ୍ଗପଡା ଛକ ନିକଟରୁ ରବିବାର ସନ୍ଧ୍ୟାରେ ପୋଲିସ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ୨୫ ବର୍ଷୀୟ ଏହି ଯୁବକଙ୍କ ମୁଣ୍ଡର ପଛପାଖରେ କ୍ଷତଚିହ୍ନ ରହିଥିଲା। ଏହାଛଡା ମୃତଦେହ ନିକଟରୁ ରକ୍ତଛିଟା ଲାଗିଥିବା କାଠଫାଳିଆ ପୋଲିସ ଜବତ କରିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରକାଶ କରିଛି। ମୃତଦେହ ବର୍ତ୍ତମାନ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ମର୍ଗ ହାଉସରେ ରଖାଯାଇଛି। ଯୁବକଙ୍କର କୌଣସି ପରିଚୟ ମିଳି ନ ଥିବା ବେଳେ କୌଣସି ଦାବିଦାର ନ ଥିବାରୁ ପୋଲିସ ପାଇଁ ଅଡୁଆ ହୋଇଛି। ୭୨ ଘଣ୍ଟା ପରେ ମୃତକଙ୍କ ପରିଚୟ ନ ମିଳିଲେ କିମ୍ବା କୌଣସି ଦାବିଦାର ନ ଆସିଲେ ଆଇନ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ଅନୁମତି କ୍ରମେ ବ୍ୟବଚ୍ଛେଦ ପରେ ପୋଲିସ ଶବସତ୍କାର କରିବ। ମୃତକଙ୍କ କୌଣସି ଦାବୀଦାର ଥିଲେ କିମ୍ବା କୌଣସି ବ୍ୟକ୍ତି ତାଙ୍କୁ ଚିହ୍ନି ପାରିଲେ ସୁନ୍ଦରଗଡ ଟାଉନ ଥାନା ଅଧିକାରୀଙ୍କ ସହ ୯୪୩୮୭୭୨୩୫୪ ଓ ୯୪୩୭୨୨୬୯୫୬ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ସୁନ୍ଦରଗଡ଼ ରୋଟାରୀ କ୍ଲବର ନୂତନ କାର୍ଯ୍ୟକର୍ତ୍ତା





ରୋଟାରୀଆନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ସୁନ୍ଦରଗଡ,୬।୭ (ଡି.ଏନ୍.ଏ.)

**ଶୁଭେନ୍ଦୁ ସଭାପତି, ଶୋଭନ ସମ୍ପାଦକ**

ସୁନ୍ଦରଗଡ ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଶୁଭେନ୍ଦୁ ମହାପାତ୍ର ରୋଟାରୀ କ୍ଲବର ନୂତନ ସଭାପତି ଓ ଶୋଭନ ଦାଶ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ଏକ ବୈଠକରେ ରୋଟାରିଆନ ଡ. ଚିରବ୍ରତ ଦତ୍ତ ସଭାପତିତ୍ୱ କରିଥିଲେ । ସେ ତାଙ୍କର ଏକ ବର୍ଷ ସଭାପତି କାର୍ଯ୍ୟକାଳ ମଧ୍ୟରେ କରିଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ କ୍ଲବର ସଦସ୍ୟମାନେ କ୍ଲବ ମାଧ୍ୟମରେ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ତଥା ବର୍ତ୍ତମାନ ଚାଲିଥିବା କୋଭିଡ ଟିକାକରଣ ଶିବିର ପରିଚାଳନାରେ ସହଯୋଗ କରୁଥିବାରୁ ଧନ୍ୟବାଦ ଦେଇ ନୂତନ ସଭାପତିଙ୍କୁ ସଭାପତି ଦାୟିତ୍ୱ ହସ୍ତାନ୍ତର କରି ଶୁଭ କାମନା କରିଥିଲେ । ସେହିପରି କ୍ଲବର ବିଦାୟୀ ସଂପାଦକ ବାଲଗୋପାଳ ମିଶ୍ର ତାଙ୍କ ଦାୟିତ୍ୱ ରୋଟାରିଆନ ଶୋଭନ ଦାଶଙ୍କୁ ହସ୍ତାନ୍ତର କରିଥିଲେ। ରୋଟାରିଆନ ଏଫ ଏଚ୍ ଅଲ୍ଲୀ ତାଙ୍କ କୋଷାଧ୍ୟକ୍ଷ ଦାୟିତ୍ୱ ରୋଟାରିଆନ ସୁରେଶ ପୃଷ୍ଟିଙ୍କୁ ଓ ରୋଟାରିଆନ କୁଲଦୀପ ସିଂଙ୍କୁ ହସ୍ତାନ୍ତର କରିଥିଲେ। ପରେ ରୋଟାରୀ କ୍ଲବର ପୋଷ୍ୟ ଗ୍ରାମ ଡୁମେଲୁଡଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ପରିବାରଙ୍କୁ ଫଳଗଛ ଚାରା ପ୍ରଦାନ କରାଯାଇଥିଲା । ଏଥିସହ ଗ୍ରାମବାସୀଙ୍କୁ ନେଇ ଆୟୋଜିତ ସଭାରେ କରୋନା ମହାମାରୀ ଓ ସ୍ୱଚ୍ଛତା ସଂପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟା ସଦସ୍ୟ ଯୋଗ ଦେଇଥଲେ।

# ବଡଗାଁ ବ୍ଲକରେ ମନମୁଖି କାର୍ଯ୍ୟ

ବଡଗାଁ,୬।୭(ଡି.ଏନ.ଏ.)

**ଉପ ଜିଲାପାଳଙ୍କୁ ଜଣାଇଲେ ୨ ସମିତି ସଭ୍ୟ: ଆନ୍ଦୋଳନ ଚେତାବନୀ**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକରେ ଦୁର୍ନୀତି ସାଙ୍ଗକୁ ମନମୁଖୀ କାର୍ଯ୍ୟ ଚରମ ସୀମାରେ ପହଞ୍ଚିଛି । ବାରମ୍ବାର ଲୋକେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି। ଏପରି କି ସମିତି ସଭ୍ୟାସଭ୍ୟଙ୍କୁ ଏଡାଇ ଦିଆଯାଇ ଏକ୍ସନ ପ୍ଲାନ ନିଜ ଇଚ୍ଛା ଅନୁଯାୟୀ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଗତ ୪ ବର୍ଷ ହେଲା ଦାଣ୍ଡଜମରା ଓ ରୂନଗାଁ ପଞ୍ଚାୟତକୁ ଜିଜିୱାଇ ବ୍ୟତୀତ ଅନ୍ୟ କୌଣସି ଅନୁଦାନ ମିଳିନାହିଁ। ସିଏଫସି ଏବଂ ଏସଏଫସି ଅନୁଦାନ ଅର୍ଥ ଏ ଯାଏ ଥରଟିଏ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ଦାଣ୍ଡଜମରା ସମିତି ସଭ୍ୟା ସୌଦାମିନୀ ହାହା, ରୂନଗାଁ ସମିତି ସଭ୍ୟ କଷ୍ଟିନ କୁଜୁର ବଡଗାଁ ବିଡିଓଙ୍କୁ ଜଣାଇଥିଲେ। ସେ ଅଣଦେଖା କରିବାରୁ ଉଭୟ ସମିତି ସଭ୍ୟ ସୁନ୍ଦରଗଡ ଉପଜିଲାପାଳଙ୍କ ଠାରେ ଆନ୍ଦୋଳନ ପାଇଁ ଅନୁମତି ପତ୍ର ଦେଇଛନ୍ତି। ୩ ଦିନ ମଧ୍ୟରେ ଘଟଣାର ସମାଧାନ ନ କଲେ ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ଚେତାବନୀ ଦେଇଛନ୍ତି। ଗତ ୨ବର୍ଷ ପୂର୍ବେ ଅନୁରୂପ ସମସ୍ୟା ସୃଷ୍ଟି ହୋଇଥିଲା। ପୁନର୍ବାର ବ୍ଲକର ମନମୁଖୀ କାର୍ଯ୍ୟ ପଦାକୁ ଆସିଛି। ସୂଚନାଯୋଗ୍ୟ, ଏହି ୨ଟି ପଞ୍ଚାୟତର ସମିତି ସଭ୍ୟଙ୍କୁ ଏକ୍ସନ ପ୍ଲାନ ପ୍ରସ୍ତୁତ ବୈଠକକୁ ଡକାଯାଇ ନ ଥିବା ଓ ଅନୁଦାନ ଦିଆଯାଉ ନ ଥିବାରୁ ଏହା ପଞ୍ଚାୟତବାସୀଙ୍କ ପ୍ରତି ପ୍ରଶାସନର ଚରମ ଅବହେଳା ବୋଲି ଅଭିଯୋଗ ହେଉଛି। ନିର୍ଦ୍ଦିଷ୍ଟ କେତେକ ପଞ୍ଚାୟତ ପ୍ରତି ଅହେତୁକ ଅନୁକମ୍ପା ଦେଖାଇ ଅଧିକ ଅନୁଦାନ ଦେବା ପଛରେ ଥିବା ଉଦ୍ଦେଶ୍ୟକୁ ନେଇ ଆଲୋଚନା ହେଉଛି। କେତେକ ଠିକାଦାରଙ୍କ ଅର୍ଥ ଉପାର୍ଜନ ପାଇଁ ଏଭଳି ପାତରଅନ୍ତର କରାଯାଇଥିବା କୁହାଯାଇଛି। ତେବେ ଏହି ୨ଟି ପଞ୍ଚାୟତର ଅଧିବାସୀଙ୍କ ପ୍ରତି ପ୍ରଶାସନର ଅବହେଳାକୁ ନେଇ ଲାଗି ରହିଥିବା ଅସନ୍ତୋଷ ଆନ୍ଦୋଳନ ରୂପ ନେବା ଆଶଙ୍କା ରହିଛି। ପଞ୍ଚାୟତବାସୀ ଏ ନେଇ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିବେ ଜଣାପଡିଛି।

# ନବ ନିଯୁକ୍ତ ସରକାରୀ ଓକିଲଙ୍କ ବୈଠକ

ରାଉରକେଲା ଅଫିସ୍/ବେଦବ୍ୟାସ, ୬।୭ (ଡି.ଏନ.ଏ)

ରାଉରକେଲା କୋର୍ଟ ପରିସରସ୍ଥିତ ସରକାରୀ ଓକିଲଙ୍କ ପ୍ରକୋଷ୍ଠରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଆଇନଜୀବୀ ତଥା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସତ୍ୟନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆଞ୍ଚଳିକ ଆବାହକ ତଥା ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋଷ କୁମାର ନାୟକ ଯୋଗଦେଇ ସୁନ୍ଦରଗଡ ଜିଲାରେ ମୁଖ୍ୟମନ୍ତ୍ରୀ ୬୦ ଜଣ ସରକାରୀ ଆଇନଜୀବୀଙ୍କୁ ନୂତନ ଭାବେ ନିଯୁକ୍ତି ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିଶନାଲ ଜିପି ଅଞ୍ଜନ ବାରିକ, ଆସୋସିଏଟ୍ ଲୟର ବିଜୟ ଦାସ, ଏପିପି ହାଡିବନ୍ଧୁ ପରିଡା, ଆଡିଶନାଲ ପିପି ନିରଞ୍ଜନ ମହନ୍ତ, ଆଡିଶନାଲ ଜିପି ସିଏଚ ରାମ ବାବୁ, ଏପିପି ପ୍ରକାଶ ରାୟ, ଗୋବିନ୍ଦ ତନ୍ତି, ଶଶିକାନ୍ତ ନାୟକ, ସଞ୍ଜୟ ସାହୁ, ବିଜୟ ଥାଟୋଇ, ଉମାକାନ୍ତ ପରିଡା, ସୁଶାନ୍ତ ନାୟକ, ଯୁଗଳ କିଶୋର ଆଚାର୍ଯ୍ୟ, ଶ୍ରୀନିବାସ ପଣ୍ଡା, ତନ୍ମୟ ଜେନା, ଉପେନ୍ଦ୍ର ବଘାର, ଉମେଶ ନାୟକ, ଉପେନ୍ଦ୍ର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଏପିପି ବିଜୟ ହରି ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ





ଗୈକନପାଲି ଗ୍ରାମରେ ଚାରାରୋପଣ କରାଯାଉଛି ।

ବାଲିଶଙ୍କରା, ୬।୭ (ଡି.ଏନ.ଏ.)

**ଗୈକନପାଲି ଗ୍ରାମରେ ବନ ମହୋତ୍ସବ ପାଳିତ**

ବନ ବିଭାଗ ତରଫରୁ ଗୈକନପାଲି ଗ୍ରାମରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ରାଉଳଡେଗା ସେକସନ୍‌ର ଗୈକନପାଲି ବନ ସମିତିର ସଭ୍ୟାସଭ୍ୟଙ୍କ ନେତୃତ୍ୱରେ ଓ ରାଉଳଡେଗା ବନପାଳ ମିତ୍ରଭାନୁ ପଟେଲଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତଳସରା ନିର୍ବାଚନମଣ୍ଡଳୀର ବିଧାୟକ ଭବାନୀଶଙ୍କର ଭୋଇ ଏବଂ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ପ୍ରଧାନ ଯୋଗ ଦେଇଥିଲେ। ବିଧାୟକ ଉଦବୋଧନ ଦେଇ କହିଥିଲେ ପରିବେଶ ସୁରକ୍ଷା ପାଇଁ ବନ ସୁରକ୍ଷା ଓ ଚାରାରୋପଣ ଜରୁରୀ। ଉକ୍ତ ଜଙ୍ଗଲ ଜାଗାରେ ୧୮ ହଜାର ଗଛ ଲଗାଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଅଁଳା, ଲିମ୍ବ, ଆମ୍ବ, ବାହାଡା, କରଞ୍ଜ, ସିମାରୁଆ, ଚାଖୁଣ୍ଡା ଆଦି ଗଛ ଲଗାଯାଇଥିଲା। ଗ୍ରାମର ସମସ୍ତ ପରିବାରର ସଦସ୍ୟ ଏହି ଚାରାର ରକ୍ଷଣାବେକ୍ଷଣ କାର୍ଯ୍ୟ ତୁଲାଇବେ ବୋଲି ଶପଥ କରିଥିଲେ। ବନସୁରକ୍ଷା ସମିତିର ସଭାପତି ଟଙ୍କଧର ସିଂ, ନୀଳାମ୍ବର ସିଂ, ରୋମାଞ୍ଚ ସିଂ, ଜ୍ୟୋତିସ ସିଂ, ରମେଶ ସିଂ, ରବିଚନ୍ଦ୍ର ପଟେଲ, ବୁଲୁ ପଣ୍ଡା, ସୁଶାନ୍ତ ପଟେଲ, ତୁଳସୀ ସିଂ, ଝରଣା ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ସଫେଇ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୬।୭

ଭାରତୀୟ ଜନସଂଘର ସଂସ୍ଥାପକ ଓ ପ୍ରଥମ ସଭାପତି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ମଙ୍ଗଳବାର ବାସନ୍ତି କଲୋନୀରେ ପାଳିତ ହୋଇଯାଇଛି। ଭାଜପା କର୍ମକର୍ତ୍ତାମାନେ ସ୍ୱର୍ଗତ ମୁଖାର୍ଜୀଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଗୁଣଗାନ କରିଥିଲେ। ଏହି ଅବସରରେ ବାସନ୍ତୀ କଲୋନୀ ସ୍ଥିତ ଏଲ୍ ଫେଜ୍- ୧ ପାର୍କକୁ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟଙ୍କ ସମେତ ଭଗବାନ ରାଉତ, ଶଶାଙ୍କ ଜେନା, ଶିବଶଙ୍କର ପାଢ଼ୀ, ଭଗବାନ ମହାପାତ୍ର, ବିଜୟ ପାଣିଗ୍ରାହୀ, ଲକ୍ଷ୍ମଣ ପରିଡା, ସଂଗ୍ରାମ ପଣ୍ଡା, ନୃସିଂହ ସାହୁ, ବଳରାମ ସାହୁ, ଗୋକୁଳ ଚରଣ ଧଳ, ବିଜୟ ସାହୁ ଅଂଶଗ୍ରହଣ କରିଥିଲେ ।

# ରାଜଗାଙ୍ଗପୁର ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ପରିଚୟ ପତ୍ର ପ୍ରଦାନ

ରାଜଗାଙ୍ଗପୁର,୬।୭(ଡି.ଏନ.ଏ.)

ରାଜଗାଙ୍ଗପୁର ପୌରପରିଷଦ ଅଧୀନରେ ବିଭିନ୍ନ ସ୍ଥାନରେ ଥିବା ଷ୍ଟ୍ରିଟ ଭେଣ୍ଡରମାନଙ୍କୁ ପୌରପାଳିକା ଦ୍ୱାରା ମଙ୍ଗଳବାର ପରିଚୟ ପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହାଦ୍ୱାରା ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ଚିହ୍ନିବାରେ ସହଜ ହେବା ସହ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଆସୁଥିବା ସହାୟତା ପାଇବାରେ ସୁବିଧା ହେବ। ଏଥିସହିତ ରାଜଗାଙ୍ଗପୁରରେ ଭେଣ୍ଡିଂ ଜୋନ ନିର୍ମାଣ ହେଲେ ଏମାନଙ୍କୁ ଅଗ୍ରାଧିକାର ଦିଆଯିବ। ରାଜଗାଙ୍ଗପୁରରେ ମୋଟ ୩୩୭ ଜଣ ଷ୍ଟ୍ରିଟ ଭେଣ୍ଡର ଚିହ୍ନଟ ହୋଇ ପଞ୍ଜୀକୃତ ହୋଇଛନ୍ତି । ତନ୍ମଧ୍ୟରୁ ଆଜି ୩୨ ଜଣଙ୍କୁ ପରିଚୟ ପତ୍ର ଓ ପ୍ରମାଣପତ୍ର ଦେବାର ଶୁଭାରମ୍ଭ ହୋଇଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ଏହି ଷ୍ଟ୍ରିଟ ଭେଣ୍ଡରମାନେ ନିଜ ପଞ୍ଜୀକରଣକୁ ନବୀକରଣ କରିବେ।

# ଜିଲାପାଳଙ୍କ ନିକଟରେ ଦାବି ଜଣାଇଲେ ଗ୍ରାମବାସୀ

ସୁନ୍ଦରଗଡ,୬।୭(ଡି.ଏନ୍.ଏ.)

**ସୋଲଗୁଡାଠାରେ ମୋବାଇଲ ଟାୱାର ସ୍ଥାପନ ଦାବି**

ସୁନ୍ଦରଗଡ ଜିଲା ବଣାଇଁ ଉପଖଣ୍ଡର ଅନେକ ଉପାନ୍ତ ଅଞ୍ଚଳବାସୀଙ୍କୁ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ମୌଳିକ ସୁବିଧା ଅପହଞ୍ଚ ହୋଇପଡିଛି। ଏହି ଉପଖଣ୍ଡର ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସୋଲଗୁଡାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଆଦିବାସୀବହୁଳ ଏହି ଗାଁର ଜନସଂଖ୍ୟା ହାରାହାରି ୧୨୦୦ହେବ। ବର୍ତ୍ତମାନର ଡିଜିଟାଲ ଯୁଗରେ ଗାଁ ଠାରୁ ୪ପାଖରେ ୧୦କିମି ଗଲେ ମୋବାଇଲ ଫୋନର ଟାୱାର ପାଏ। ସରକାର ବର୍ତ୍ତମାନ ୟୁ ଟ୍ୟୁବରେ ପିଲାଙ୍କ ପାଠପଢା ବ୍ୟବସ୍ଥା କରିଛନ୍ତି। ହେଲେ ଏହି ଗ୍ରାମବାସୀଙ୍କ ପିଲାଏ କିଭଳି ପାଠ ପଢିବେ ସେ ନେଇ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଟାୱାର ଅଭାବ ଯୋଗୁ ପିଲାଙ୍କ ପାଠପଢା ବ୍ୟାହତ ହେଉଛି। ଏହି ଗ୍ରାମବାସୀ ସତେ ଯେମିତି ଏକ ଅନ୍ଧାରୀ ମୂଲକରେ ବାସ କରୁଛନ୍ତି ବୋଲି ମନେ କରୁଛନ୍ତି। ମୋବାଇଲ ସେବା ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ବହୁବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଇ ନିରାଶ ହୋଇଛନ୍ତି। ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଗାଁରେ ମୋବାଇଲ ନେଟଓାର୍କ ପାଇଁ ଟାୱାର ସ୍ଥାପନ ଲାଗି ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ମହୁମାଛି ପାଳନ ପାଇଁ ୨୬୫୦ ହିତାଧିକାରୀ ଚିହ୍ନଟ

ସୁନ୍ଦରଗଡ଼,୬।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ମହୁ ଚାଷ ମାଧ୍ୟମରେ ମହୁଚାଷୀଙ୍କ ରୋଜଗାର ବଢ଼ାଇବା ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲାର ୮ଟି ବ୍ଲକରେ ଉନ୍ନତମାନର ମହୁ ଉତ୍ପାଦନ ସହିତ କିପରି ଏହାର ବଜାର ସଂଯୋଗ କରାଯାଇପାରିବ ସେନେଇ ଜିଲାର ଅଧିକାରୀମାନଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ସୋମବାର ସ୍ଥାନୀୟ ବିକାଶ ଭବନଠାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ବେଙ୍ଗାଲୁରୁରୁ ଆସିଥିବା ମହୁ ଚାଷ ବିଶେଷଜ୍ଞ ଗୁରୁ ପ୍ରସାଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ ମହୁ ଚାଷ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ଆଞ୍ଚଳିକ ଶିଳ୍ପ କେନ୍ଦ୍ର, ରାଉରକେଲା, ଜିଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ଼ର ମହାପ୍ରବନ୍ଧକ, ଓଡ଼ିଶା ଜୀବିକା ମିଶନର ବିଭିନ୍ନ ବ୍ଲକର ପ୍ରୋଗ୍ରାମ ମ୍ୟାନେଜରଙ୍କ ସହିତ ସ୍ଥାନୀୟ ତାଲିମଦାତାମାନେ ଯୋଗ ଦେଇଥିଲେ। ଡିଏମ୍ଏଫ୍‌ର ଜୀବିକା ବିଶେଷଜ୍ଞ ଏ.କେ. ପଣ୍ଡା ଏବଂ ଓଡ଼ିଶା ଜୀବିକା ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ସାମୁଏଲ ଟପ୍ପୋ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ କହିଥିଲେ ଯେ , ଜିଲାରେ ବ୍ୟାପକ ଜଙ୍ଗଲ ଅଞ୍ଚଳ ରହିଛି। ଏହାର ସଦୁପଯୋଗ କରି ଲୋକଙ୍କୁ ଜୀବିକା ଦେବା ଲାଗି ମହୁ ଚାଷକୁ ଗୁରୁତ୍ୱ ଦିଆଯାଉଛି। ମହୁ ଉତ୍ପାଦନ ଆରମ୍ଭ ହେବା ପରେ ଓରମାସ୍ ଜରିଆରେ ବିପଣନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଥର ପାଇଁ ଜିଲାରେ କରାଯାଉଥିବା ଏହି କାର୍ଯ୍ୟକ୍ରମରୁ ହିତାଧିକାରୀମାନେ ବିଶେଷ ଲାଭବାନ ହେବେ ବୋଲି ଆଶା କରାଯାଉଛି । ଜିଲା ପ୍ରଶାସନର ଉଦ୍ୟମକ୍ରମେ ସୁନ୍ଦରଗଡ଼ ଜିଲାର ହେମଗିରି, ରାଜଗାଙ୍ଗପୁର, ଗୁରୁଣ୍ଡିଆ, ବଣାଇଁ, କୁତ୍ରା, କୋଇଡ଼ା, କୁଆଁରମୁଣ୍ଡା ଓ ଲହୁଣୀପଡା ବ୍ଲକରେ ମହୁ ଚାଷ କରାଯାଉଛି। ଏଥିପାଇଁ ଚାଷୀମାନଙ୍କୁ ଚିହ୍ନଟ କରାଯାଇ ତାଲିମ୍ ଦିଆଯାଉଛି। ଆଗାମୀ ଦୁଇ ସପ୍ତାହ ଭିତରେ ହିତାଧିକାରୀମାନଙ୍କୁ ମହୁ ବାକ୍ସ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ଜିଲାରେ ମହୁମାଛି ପାଳନ ପାଇଁ ୨୬୫୦ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏମ୍ଏସ୍ଏମ୍ଇ ବିଭାଗ ସହ ଅନ୍ୟ ସରକାରୀ ଅଂଶୀଦାରମାନେ ଯୋଡ଼ି ହୋଇଛନ୍ତି। ସେହିପରି ଓଡ଼ିଶା ଜୀବିକା ମିଶନ ଚାଷୀ ଚିହ୍ନଟ ଓ ବଜାର ସଂଯୋଗ ଦିଗରେ କାମ କରୁଛି। ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି।

## ଟ୍ରାକ୍ଟର ଓଲଟି ଜଣେ ମୃତ

କୁଚିଣ୍ଡା,(ଡି.ଏନ.ଏ.): ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଞ୍ଚଳରେ ଟ୍ରାକ୍ଟର ଓଲଟି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଗାଡିହି ଗ୍ରାମର ଅଶୋକ ତିର୍କା (୧୮)। ଅଶୋକ ଅନ୍ୟ ଜଣଙ୍କ ଜମି ଚାଷ କରିବା ପାଇଁ ଡ୍ରାଇଭର ସହ ଯାଉଥିଲେ। ହଠାତ୍ କୌଣସି କାରଣରୁ ଟ୍ରାକ୍ଟର ଓଲଟି ପଡିଥିଲା। ଫଳରେ କୌଶଳକ୍ରମେ ଡ୍ରାଇଭର ଡେଇଁ ପଡିଥିବାବେଳେ ଅଶୋକ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଫାଣ୍ଡି ପୋଲିସ ପହଞ୍ଚି ଜେସିବି ସାହାଯ୍ୟରେ ମୃତଦେହ ବାହାର କରି କୁଚିଣ୍ଡା ଡାକ୍ତରଖାନା ଆଣିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଟିକା କେନ୍ଦ୍ରରେ ତାଲା, ବାହାରେ ହୋହଲ୍ଲା

ସମ୍ବଲପୁର,୬।୭(ବ୍ୟୁରୋ)

ଟିକାଦାନ କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ଅନେକ ସ୍ଥାନରେ ଅସନ୍ତୋଷର ବାତାବରଣ ଦେଖାଦେଉଛି। ସମ୍ବଲପୁର ଜିଲା ଯୁଯୁମୁରା ଟିକା କେନ୍ଦ୍ରରେ ମଙ୍ଗଳବାର ଏଭଳି ଘଟଣା ଦେଖିବାକୁ ମିଳିଥିଲା। ଟିକା କେନ୍ଦ୍ରରେ ତାଲା ପଡିଥିବାରୁ ବାହାରେ ଅଞ୍ଚଳବାସୀ ହୋହଲ୍ଲା କରିଥିଲେ।

ଅଭିଯୋଗ କ୍ରମେ ପୂର୍ବରୁ ଯୁଯୁମୁରା ପଞ୍ଚାୟତ ରାଜୀବ ଭବନଠାରେ ଟିକାଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଟୋକନ ପାଇବା ପାଇଁ ମହିଳା ଓ ପୁରୁଷ ସକାଳ ୫ଟାରୁ ଆସି ଧାଡିରେ ଛିଡା ହୋଇଥିଲେ। ପ୍ରାୟ ୮ଟା ପର୍ଯ୍ୟନ୍ତ କୌଣସି କର୍ମଚାରୀ ଟିକା କେନ୍ଦ୍ରକୁ ଆସି ନ ଥିଲେ। ଫଳରେ ଗେଟ୍ ସମ୍ମୁଖରେ ଲୋକେ ପାଟିତୁଣ୍ଡ ଆରମ୍ଭ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଯୁଯୁମୁରା ପୋଲିସ ସେଠାରେ ପହଞ୍ଚିଥିଲା। ପରେ ଲୋକମାନେ ଯୁଯୁମୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ଟିକାଦାନ ସମ୍ପର୍କରେ ପଚାରିଥିଲେ। ହେଲେ ମେଡିକାଲରୁ ଟିକା ନେଇ କେନ୍ଦ୍ରକୁ ଯିବାକୁ ଗାଡି ନ ଥିଲା। ପରେ ପୂର୍ବାହ୍ନ ୧୦ଟା ସମୟରେ କେନ୍ଦ୍ରରେ ଟିକା ପହଞ୍ଚିଥିଲା । ହେଲେ ମୁଖ୍ୟଗେଟ୍‌ରେ ତାଲା ପଡି ରହିଥିଲା। ପରେ ଅଧିକାରୀଙ୍କୁ ଜଣାଇ ତାଲା ଭାଙ୍ଗି କେନ୍ଦ୍ରରେ ଟିକାକରଣ ଆରମ୍ଭ ହୋଇଥିଲା। ମୋଟ ୧୮୦ ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ଶତାଧିକ ମହିଳାପୁରୁଷ ଫେରିଯାଇଥିଲେ।


ଯୁଯୁମୁରା ଟିକା କେନ୍ଦ୍ରରେ ଲୋକଙ୍କ ଭିଡ।

### ଅଧିକ ଟିକା ଯୋଗାଣ ଦାବି

ଏହାକୁ ନେଇ ଅଞ୍ଚଳର ଜଣେ ସଚେତନ ନାଗରିକ ଅଶ୍ୱିନୀ ଦେହୁରି କହିଛନ୍ତି, ଯୁଯୁମୁରା ବ୍ଲକ ମୁଖ୍ୟାଳୟରେ ଅବ୍ୟବସ୍ଥା ହେଉଛି। ଆବଶ୍ୟକ ଅନୁସାରେ ଟିକା ନ ଥିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି। ଠିକ୍ ଭାବେ ଲୋକମାନଙ୍କୁ ସୂଚନା ଦିଆଯାଉ ନାହିଁ। ଫଳରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅଧିକ ଡୋଜ୍ ଟିକା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ କହିଛନ୍ତି, ଟିକାଦାନ କେନ୍ଦ୍ରରେ କିଭଳି ଅବ୍ୟବସ୍ଥା ସୁଧୁରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଯୋଗାଣ ଅନୁଯାୟୀ ଭାଗବଣ୍ଟା କରି ପଞ୍ଚାୟତଗୁଡିକୁ ଟିକା ଦିଆଯାଉଛି। ମଙ୍ଗଳବାର ୭ଶହ ଟିକା ଷ୍ଟକ୍ ରହିଥିଲା। ଏହାକୁ ଗଡଲୁଇସିଂ, ଯୁଯୁମୁରା, ମେଘପାଲ ଓ କେଶପାଲି ପଞ୍ଚାୟତକୁ ଦିଆଯାଇଥିଲା। ଟିକା ମହଜୁଦ ଅନୁସାରେ କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଉଛି।

# ରୋଗୀଙ୍କ ସମ୍ମାନ, ଅଧିକାର ଅକ୍ଷୁଣ୍ଣ ରଖି ଗବେଷଣା

ସମ୍ବଲପୁର,୬।୭(ବ୍ୟୁରୋ)

ସମ୍ବଲପୁରର ବୁର୍ଲା ଭିମ୍‌ସାର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏଥିକ୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ଆଇସିଏମ୍ଆର୍ ଡାକ୍ତର ସିଦ୍ଧାର୍ଥ ଗିରି ଓ ଡାକ୍ତର ଜେ.ଏସ୍. କ୍ଷେତ୍ରୀ ତାଲିମ ଦେବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜୈବ ଚିକିତ୍ସା ଓ ଗବେଷଣା ସମୟରେ ରୋଗୀଙ୍କ ସମ୍ମାନ ଓ ଅଧିକାର ଯେଭଳି କ୍ଷୁଣ୍ଣ ନ ହେବ ସେ ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା।

### ଭିମ୍‌ସାରରେ ଏଥିକ୍ସ କମିଟିର କର୍ମଶାଳା

ଭିମ୍‌ସାରରେ ଯେଭଳି ଅଧିକ ଗବେଷଣା ହୋଇପାରିବ ସେ ନେଇ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅଭୟ କୁମାର ରାୟଗୁରୁ, ପ୍ରଫେସର ଭାବଗ୍ରାହୀ ରଥ, ପ୍ରଫେସର ପ୍ରକାଶ ଚନ୍ଦ୍ର ପଣ୍ଡା, ପ୍ରଫେସର ଅଜୟ କୁମାର ପଣ୍ଡା, ଡାକ୍ତର ମମତା ସାର, ଡାକ୍ତର ସୁବ୍ରତ କୁମାର ପ୍ରଧାନ, ଡାକ୍ତର ସଞ୍ଜୀବ କୁମାର ମିଶ୍ର, ସୁବ୍ରତ କୁମାର ମହାନ୍ତି, ଅଲେଖ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଟା ପାୱାର ପକ୍ଷରୁ କନ୍‌ସେନ୍‌ଟ୍ରେଟର ପ୍ରଦାନ



ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଉଛି।

ସମ୍ବଲପୁର,୬।୭(ବ୍ୟୁରୋ)

ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମିଳନୀ କକ୍ଷରେ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଆର୍‌ଡିସି ସେକ୍ରେଟାରୀ ଭିପି ଏକ୍କା, ଟାଟା ପାୱାର ସିଇଓ ଗଜାନନ କାଲେ, ସିସିଏସ୍ ସୁନୀଲ ଶର୍ମା, ସିଓଓ ସୁମିତ ଘୋଷ, ମାନବ ସମ୍ବଳ ମୁଖ୍ୟ କସମସ ଲାର୍କା, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କୋଭିଡ୍ ମୁକାବିଲା ପାଇଁ ଟାଟା ପାୱାର ପକ୍ଷରୁ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ସମେତ ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସୋନପୁର ଜିଲାକୁ ସାମିଲ କରାଯାଇଛି। ପରେ ସମସ୍ତ ଜିଲାକୁ ପ୍ରଦାନ କରାଯିବ ବୋଲି ଟାଟା ପାୱାର ପକ୍ଷରୁ କୁହାଯାଇଥିଲା। ୫ ଜିଲାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହି କନ୍‌ସେନ୍‌ଟ୍ରେଟର ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଦୋକାନରେ ଚଢ଼ାଉ: ମାଲିକ ଗିରଫ

ସମ୍ବଲପୁର,୬।୭(ବ୍ୟୁରୋ): ସମ୍ବଲପୁର ଟାଉନ ଥାନା ସମ୍ମୁଖରେ ଥିବା ଫ୍ୟାଶନ ୱାର୍ଲ୍ଡ ଦୋକାନରେ ପୋଲିସ ଓ ସ୍ପାର୍କି କମ୍ପାନୀ ଅଧିକାରୀ ଚଢ଼ାଉ କରିଥିଲେ। ଅସଲି ବ୍ରାଣ୍ଡ (ସ୍ପାର୍କି) ଲୋଗୋ ଥିବା ନକଲି ଜିନ୍ସ ବିକ୍ରି କରୁଥିବାରୁ ଅଧିକାରୀମାନେ ଜବତ କରିଥିଲେ। ଏହାସହ ଦୋକାନ ମାଲିକ ମହମ୍ମଦ ସେରୁଙ୍କୁ ଗିରଫ କରାଯାଇଛି। ୧୩୦ ଜିନ୍ସ ଓ ନକଲି ବିଲଗୁଡିକ ଜବତ ହୋଇଛି। ସ୍ପାର୍କି ସହ ବିଭିନ୍ନ କମ୍ପାନୀର ନକଲି କପଡା ବିକ୍ରି ହେଉଥିବା ନେଇ କମ୍ପାନୀ ଅଧିକାରୀମାନେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଟାଉନ ଥାନା ଅଧୀନ ଗୁଜୁରାଟି କଲୋନୀରେ ପୋଲିସ ଚଢାଉ କରିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ପ୍ରାୟ ୫୦୦ ଗୋଟି ବିଭିନ୍ନ ଦାମୀ କମ୍ପାନୀର କପଡା ଜବତ କରାଯାଇଥିବା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି।

### ଢାବା ମାଲିକଙ୍କୁ ଉଠାଇନେଲା କଲିକତା ପୋଲିସ

ସମ୍ବଲପୁର,୬।୭(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ୫୫ନଂ. ଜାତୀୟ ରାଜପଥର ଆମଲିପାଏନରେ ଥିବା ଏକ ଢାବା ମାଲିକଙ୍କୁ କଲିକତା ପୋଲିସ ମଙ୍ଗଳବାର ଉଠାଇ ନେଇଛି। ଏକ ପୋଲିସ ଟିମ୍ ପହଞ୍ଚି ପଚରାଉଚୁରା କରିବା ପରେ ସାଙ୍ଗରେ ନେଇଯାଇଥିଲେ। ଯୁଯୁମୁରା ଅଞ୍ଚଳରୁ ନିୟମିତ କେନ୍ଦୁପତ୍ର କଲିକତାକୁ ଚୋରା ଚାଲାଣ ହୋଇଥାଏ। ତେଣୁ କଲିକତା କେନ୍ଦୁପତ୍ର ମାଫିଆଙ୍କ ସହ ଲିଙ୍କ ଥିବା ନେଇ ସନ୍ଦେହ ପ୍ରକାଶ ପାଉଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, କଲିକତା ପୋଲିସ ଅଟକ ରଖି ପଚୁରାଉଚୁରା କରୁଛି। ବୁଧବାର ସତ୍ୟାସତ୍ୟ ଜଣାପଡିବ।

### ଯୁବକଙ୍କୁ ହତ୍ୟା ଘଟଣା: ୨ ମହିଳାଙ୍କ ସମେତ ୬ ଗିରଫ

ରେଢାଖୋଲ,୨୩।୬(ଡି.ଏନ.ଏ.): ରେଢାଖୋଲ ଥାନା ତଣ୍ଡବିରା ଗ୍ରାମରେ ଗତ ରବିବାର ରାତିରେ ନିଲୁ ସାହୁ ନାମକ ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ୨ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଳରାମ ସାହୁ (୫୦), ସୁନୀଲ ସାହୁ (୨୬), ଅନୀଲ ସାହୁ (୨୦), ଶାନ୍ତି ସାହୁ (୪୫), ବସୁଦେବ ସାହୁ (୭୪) ଓ ରାଧା ସାହୁ (୬୫)। ମୃତ ନିଲୁଙ୍କ ବାପା ଫକିର ସାହୁଙ୍କ ଅଭିଯୋଗ କ୍ରମେ ରେଢାଖୋଲ ଥାନା କେସ୍ ନଂ.୧୨୧, ଦଫା ୧୪୭,୧୪୮,୪୪୮,୩୦୨,୧୪୯ରେ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ବିଜେଡିର ୫୧ଜଣିଆ ଜିଲା କର୍ମକର୍ତ୍ତା ଘୋଷଣା

ଝାରସୁଗୁଡ଼ା ଅଫିସ,୬।୭: ମଙ୍ଗଳବାର ଝାରସୁଗୁଡା ଜିଲା ବିଜେଡିର ୫୧ଜଣିଆ କର୍ମକର୍ତ୍ତା ଘୋଷଣା କରାଯାଇଛି। ଏହା ଜିଲା ରିଟର୍ଣ୍ଣିଂ ଅଫିସର୍ ଶହୀଦ ବେଗ ଗଣମାଧ୍ୟମକୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ଜିଲା ସଭାପତି କିଶୋର ମହାନ୍ତି, ଉପସଭାପତି ମନରଞ୍ଜନ ମହାପାତ୍ର, କୁଳମଣୀ ଦାସ, ତୁଳାରାମ ସେନାପତି, ରଘୁମଣି ପଟେଲ, ବେଣୁ ଗୋପାଳ ପାଣିଗ୍ରାହୀ, ସଞ୍ଜିତ ପ୍ରଧାନ ଓ ଶମ୍ଭୁ ମହାନ୍ତି ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ସମ୍ପାଦକ ଗୋପାଳ ସିତାନୀ, ସୁକାନ୍ତୀ ଜୟପୁରିଆ, ଜୟନ୍ତ ଦୀକ୍ଷିତ, ସୁରେନ୍ଦ୍ର ନାୟକ, ରାଜେନ୍ଦ୍ର ସାହୁ, ରାଧେଶ୍ୟାମ ପଟେଲ, ପୀତାମ୍ବର ମିଶ୍ର, ଶ୍ୟାମ ରାଓଲାନୀ, ପ୍ରମୋଦ ତ୍ରିପାଠୀ ଓ ପ୍ରମୋଦ ଗଡତିଆ ରହିଛନ୍ତି। ଏହା ସହିତ ଏହି କମିଟିରେ ୩୨ଜଣିଆ ଏକ୍‌ଜିକ୍ୟୁଟିଭ୍ ମେମ୍ବର ରହିଛନ୍ତି।

### ଇବ୍‌ଥର୍ମାଲ ହସ୍ପିଟାଲ୍‌ରେ ଡାକ୍ତରଙ୍କୁ ପୁନଃନିଯୁକ୍ତି ଦାବି

ଝାରସୁଗୁଡ଼ା ଅଫିସ,୬।୭: ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ହସ୍ପିଟାଲ୍‌ରେ ମୁଖ୍ୟ ଚିକିତ୍ସକ ଥିବା ଡା. ବିଜୟଲାଲ ବିଶ୍ୱାଳ ଗତ ୩୦ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ଜଣେ ମେଡିସିନ୍ ସ୍ପେଶାଲିଷ୍ଟ। ସେବା କ୍ଷେତ୍ରରେ ମଧ ତାଙ୍କର ସୁନାମ ରହିଛି। ତାଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ଏ ନେଇ ଅଞ୍ଚଳବାସୀଙ୍କ ତରଫରୁ ସୋମବାର ଓପିଜିସିର ମୁଖ୍ୟ ପରିଚାଳକ(ଏମ୍‌ଡି)ଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶକ (ଅପରେଶନ) ମାନସ ରଞ୍ଜନ ରାଉତଙ୍କୁ ଦାବିପତ୍ର ଦିଆଯାଇଛି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ଶକ୍ତି ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କୁ ପ୍ରଦାନ କରାଯାଇଛି।

# ଅବହେଳା ପାଇଁ ଅବହେଳିତ ହିତାଧିକାରୀ

ସମ୍ବଲପୁର,୬।୭ (ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶାର ୫ ଜିଲାରେ ଜଣେହେଲେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିପାରି ନାହିଁ। ସରକାରଙ୍କ ଅବହେଳା ଯୋଗୁ ଯୋଗ୍ୟ ହିତାଧିକାରୀ ଅବହେଳିତ ହୋଇଛନ୍ତି। ଏବେ ୨୩,୫୪୯ ଜଣ ଆବେଦନ କରି ଅପେକ୍ଷାରେ ରହିଛନ୍ତି ବୋଲି ସମ୍ବଲପୁର କଚେରି ରୋଡ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ କହିଥିଲେ, ରାଜ୍ୟ ସରକାର ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ଆସିଥିବା ପ୍ରାୟ ୮ ଲକ୍ଷ ଘର ବଣ୍ଟନ କରାଯାଇଛି। ହେଲେ ପଶ୍ଚିମ ଓଡ଼ିଶାର ୫ଟି ଜିଲାକୁ ଶୂନ୍ୟ କରିଦେଇଥିବା ବେଳେ ଦେବଗଡ଼ରେ ୧୧୧ ଓ ଝାରସୁଗୁଡ଼ାରେ ମାତ୍ର ୪ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଯେଉଁ ୫ ଜିଲାକୁ ଶୂନ୍ୟ କରାଯାଇଛି ସେଥିରେ ଭାଜପାର ଲୋକ ସଭା ସଦସ୍ୟ ଓ ବିଧାୟକମାନେ ବିଜୟୀ ହୋଇଛନ୍ତି। ୫ ଜିଲାର ୯ ବ୍ଲକରେ ପ୍ରାୟ ୧ହଜାର କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା କେନ୍ଦ୍ରୀୟ ଟିମ୍ ହାତରେ ଧରାପଡିଛି। କେନ୍ଦ୍ରୀୟ ଟିମ୍ ଏ ନେଇ ରାଜ୍ୟ ସରକାର ଓ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିସ କରିଛି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସରକାର ଘଣ୍ଟ ଘୋଡାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ତାଲିକା ମଧ ସରକାର ପ୍ରକାଶ କରୁନାହାନ୍ତି। ତେଣୁ ପୁଣି ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷା ରାଧେଶ୍ୟାମ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ମାନସରଞ୍ଜନ ବକ୍ସି ଉପସ୍ଥିତ ଥିଲେ।



ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ଶ୍ୟାମାପ୍ରସାଦଙ୍କ ଜୟନ୍ତୀ, ସଫେଇ କାର୍ଯ୍ୟକ୍ରମ

ଦେବଗଡ,୬।୭(ଡି.ଏନ.ଏ)

ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଦେବଗଡ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, ଶିବା ମୁଖି, ସବିତା ଭୋଇ, ତ୍ରିନାଥ ଦାଶ, ପ୍ରିତମ ବହେରା, ଖୁସି ପାତ୍ର, ସଂଯୁକ୍ତା ଜେନା ପ୍ରମୁଖ ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ। ସେହିପରି ଜିଲା ଭାଜପା ପକ୍ଷରୁ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ବାସଭବନରେ ମଙ୍ଗଳବାର ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଆୟୋଜିତ ସଭାରେ ବିଧାୟକ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦେବଗଡ ନଗର ମଣ୍ଡଳ ଭାଜପା ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ନଗର ସାଧାରଣ ସମ୍ପାଦକ ଜଗନ୍ନାଥ ବେହେରା, ସନ୍ତୋଷ ଭୁତିଆ, ପ୍ରତାପ ପଣ୍ଡା ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ା ଜିଲାରେ ୧୮ହଜାର ଟିକା ପହଞ୍ଚିବ: ସ୍ୱାସ୍ଥ୍ୟମନ୍ତ୍ରୀ


ଟିକାକରଣ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୬।୭

ଝାରସୁଗୁଡାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଖୀଦ୍‌ମଦ୍ କମିଟି ତରଫରୁ ସ୍ଥାନୀୟ ମଙ୍ଗଳବଜାରସ୍ଥିତ ମସଜିଦ୍ ମଦର୍ଶାରେ ଏକ ଅଫ୍‌ଲାଇନ୍ ଟିକାକରଣ କାର୍ଯ୍ୟକ୍ରମକୁ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ, କରୋନା ପାଇଁ କୌଣସି ଔଷଧ ନାହିଁ। ଟିକାକରଣ ସାଙ୍ଗକୁ ମାସ୍କ ପରିଧାନ, ସାମାଜିକ ଦୂରତା ଆଦି ନିୟମ ପାଳନ କଲେ ତୃତୀୟ ଲହରକୁ ଆମେ ହରାଇ ପାରିବା। ରାଜ୍ୟରେ ଦୈନିକ ୩ଲକ୍ଷ ଟିକା ଦିଆଯାଉଛି। ଆଗାମୀ ଦିନରେ କେନ୍ଦ୍ରରୁ ଯେତେ ଟିକା ଆସିବ ତାହା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ସିଡିଏମ୍ଓ ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଝାରସୁଗୁଡା ଜିଲାରେ ଖୁବଶୀଘ୍ର ୧୮ହଜାର ଟିକା ପହଞ୍ଚାଇ ଦିଆଯିବ। ତୃତୀୟ ଲହରକୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷାକୁ ନେଇ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟ ସରକାର ଏହାକୁ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଥିଲେ।

# ବନ ମହୋତ୍ସବ ପାଳିତ

କୁଚିଣ୍ଡା, ୬।୭ (ଡି.ଏନ.ଏ.)

କୁଚିଣ୍ଡା ଥାନାରେ ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଥାନା ଅଧିକାରୀ ଶୁଭଙ୍କର ସେଠଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ବିଭିନ୍ନ ଔଷଧିୟ ଓ ଫଳ ଗଛ ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଏସ୍ଆଇ ଗଦାଧର ଧଳ, କୁମୁଦ ବିଶ୍ୱାଳଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

# ନେତୃବୃନ୍ଦ ଏକତ୍ରିତ ହେଲେ ଦଳ ସୁଦୃଢ଼ ହେବ


ବୈଠକରେ ବିଜେଡି ନବନିଯୁକ୍ତ କର୍ମକର୍ତ୍ତା ଓ ନେତୃବୃନ୍ଦ ।

ସମ୍ବଲପୁର,୬।୭ (ବ୍ୟୁରୋ)

ନେତୃବୃନ୍ଦ ଏକତ୍ରିତ ହେଲେ ଦଳ ସୁଦୃଢ଼ ହେବ। ଏହାଦ୍ୱାରା ସମ୍ବଲପୁର ଜିଲା ସାଙ୍ଗଠନିକ କ୍ଷେତ୍ରରେ ଏକ ନମ୍ବର ଜିଲା ଭାବେ ଗଢ଼ି ଉଠିବ। ମଙ୍ଗଳବାର ବିଜେଡି ସମ୍ବଲପୁର ବିଧାନସଭା କ୍ଷେତ୍ର ପକ୍ଷରୁ ଆୟୋଜିତ ବୈଠକରେ ଏହି ମତ ପ୍ରକାଶ ପାଇଛି। ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନିକାନ୍ତ ପ୍ରଧାନ, ନବନିଯୁକ୍ତ ବିଜୁ ଜନତା ଦଳ ଜିଲା ସଭାନେତ୍ରୀ ବନ୍ଦିତା ମିଶ୍ର, ରାଜ୍ୟ ଉପସଭାନେତ୍ରୀ କବିତା ପୁରୋହିତ, ସିପ୍ରା ମହାନ୍ତି, ଉଷା ପ୍ରଧାନ, ସମ୍ବଲପୁର ଜୋନ ସଭାନେତ୍ରୀ ସବିତା ଆଚାର୍ଯ୍ୟ, ରାଜ୍ୟ ସମ୍ପାଦିକା ରାଜଲକ୍ଷ୍ମୀ ପ୍ରଧାନ, କଳ୍ପନା ମିଶ୍ର, ରାଜ୍ୟ ଯୁଗ୍ମ ସମ୍ପାଦିକା ସଂଯୁକ୍ତା ମେହେର ଆଲୋଚନାରେ ଭାଗ ନେଇ ଦଳକୁ ମଜବୁତ କରିବା ଲାଗି ଆହ୍ୱାନ ଦେଇଥିଲେ।

# ରବିଦାସ ସମାଜର ସାଙ୍ଗଠନିକ ବୈଠକ

ପଡିଆବାହାଲ,୬।୭(ଡି.ଏନ.ଏ.)

ସମ୍ବଲପୁର ରବିଦାସ ସମାଜର ସାଙ୍ଗଠନିକ ବୈଠକ ଜିଲା ସଭାପତି ରତନ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜମନକିରା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବ୍ଲକର ମୁଣ୍ଡେନପାଲି, କାଣିବନ୍ଧଲି, ଗୌତମଟିକିରା ଓ କୁଲୁଣ୍ଡି ଗ୍ରାମରେ ପୃଥକ୍ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ବୈଠକରେ ସମାଜରେ ଥିବା କୁସଂସ୍କାରରୁ ଦୂରେଇ ରହିବା, ଶିଶୁଙ୍କ ଶିକ୍ଷାପ୍ରତି ଧ୍ୟାନ ଦେବା, ନିଶା ସେବନରୁ ଦୂରେଇ ରହିବା, କରୋନା କଟକଣା କଡାକଡି ଭାବେ ପାଳନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲା କମିଟି ସଭାପତି କେଶବ ରୋହିଦାସ, ଉପସଭାପତି ଗୋପୀନାଥ ରୋହିଦାସ, ସାଧାରଣ ସମ୍ପାଦକ ଯୁଧିଷ୍ଠିର ରୋହିଦାସ, ସହସମ୍ପାଦକ ଅଶୋକ ରୋହିଦାସ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା।

# ଭାଜପାର ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା ଅଫିସ,୬।୭

ଝାରସୁଗୁଡ଼ା ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଭାଜପା ଅଭିଯୋଗ କରିଆସୁଛି। ଏହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦଳ ଦାବି କରିଛି। ଏହି ଅବସରରେ ଜିଲା ଭାଜପା ତରଫରୁ ଆସନ୍ତା ୭ରୁ ୯ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଘୋଷଣା କରିଛନ୍ତି। ଏଥିରେ ଜିଲା ଉପସଭାପତି ନବନ ଅଗ୍ରୱାଲ, ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ସମ୍ପାଦକ ପୁରୁଷୋତ୍ତମ ଥିରାନୀ ଓ ମିଡିଆସେଲ୍ ପ୍ରମୁଖ ବିମଳେନ୍ଦୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ତ୍ରିପାଠୀ କହିଛନ୍ତି, ୨୦୧୬ରୁ ଅଦ୍ୟାବଧି କେନ୍ଦ୍ର ସରକାର ଝାରସୁଗୁଡା ଜିଲାକୁ ୩୨ହଜାର ୪ଶହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ କରିଛନ୍ତି। ଏହିସବୁ ଘର କେଉଁ ହିତାଧିକାରୀଙ୍କୁ ଦିଆଯାଇଛି ତାହା ସ୍ପଷ୍ଟ କରନ୍ତୁ। ଆବାସ ଯୋଜନା ନାମ ତାଲିକା ପଞ୍ଚାୟତ କାର୍ଯ୍ୟାଳୟରେ ମରାଯିବା ନିୟମ ରହିଥିବାବେଳେ ଏଥିରେ ସ୍ୱଚ୍ଛତା ନ ରଖି ବିଜେଡିର ନେତା ଓ କର୍ମୀଙ୍କୁ ବଣ୍ଟାଯାଉଛି। ଫଳରେ ସରକାର ଏହାକୁ ସାର୍ବଜନୀନ ନ କରି ଗୋପନ ରଖିବାକୁ ବାଧ୍ୟ ହେଉଛନ୍ତି। ଗତବର୍ଷ ଜିଲାର ଲଇକେରା ବ୍ଲକ୍ ଭାତଲଇଡା ପଞ୍ଚାୟତର ଜଣେ ବ୍ୟକ୍ତି ଯାହାଙ୍କ ନାମରେ ଏକ ଟ୍ରାକ୍ଟର ରହିଥିବାବେଳେ ୫୦ କୁଇଣ୍ଟାଲ ଧାନ ଉତ୍ପାଦନ କରିଥିଲେ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେହିଭଳି ଅନ୍ୟଜଣେ ବ୍ୟକ୍ତିଙ୍କ ୩ମହଲା କୋଠା ଉପରେ ଆବାସ ଘର ନିର୍ମାଣ ହୋଇଛି। ଏ ନେଇ ଦଳ ତରଫରୁ ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଭାଜପା କର୍ମକର୍ତ୍ତା।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୭ ଜୁଲାଇ, ୨୦୨୧

**ବନ ମହୋତ୍ସବ ସପ୍ତାହରେ ଚାରା ରୋପଣ**

ପାଟଣାଗଡ/ଖପ୍ରାଖୋଲ,(ଡି.ଏନ.ଏ.): ପାଟଣାଗଡ ଲାୟନ୍ସ ଭୋକେଶନାଲ ପବ୍ଲିକ୍ ସ୍କୁଲ ପରିସରରେ ବନ ମହୋତ୍ସବ ସପ୍ତାହରେ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ, ଲାୟନ୍ସ କ୍ଲବ ସଭାପତି ସଦାଶିବ ସରାଫ୍, ସ୍କୁଲ ସଭାପତି ମନୋଜ ନନ୍ଦ, ଜୋନ ଚେୟାରମେନ୍ ଶ୍ରୀକାନ୍ତ ପାତ୍ର ଯୋଗଦେଇଥିଲେ । ବିଦ୍ୟାଳୟ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା। ବୀରେନ୍ଦ୍ର ପାତ୍ର, ମହାଦେବ ମେହେର, ଗଜାନନ ଅଗ୍ରୱାଲ, ସ୍କୁଲ ଅଧ୍ୟକ୍ଷ ଗୋବର୍ଦ୍ଧନ ନାୟକ, ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ବିଜେଡି କର୍ମୀଙ୍କ ମୃତ୍ୟୁ

ଅତାବିରା, ୬।୭ (ଡି.ଏନ.ଏ): ବରଗଡ ଜିଲା ଭେଡେନ ଥାନା ତଥା ଗୁଲୁଣ୍ଡା ଫାଣ୍ଡି ଅଧୀନ ଉଦେପୁର ଗାଁର ବିଜେଡି କର୍ମୀ ନିର୍ମଳ ଦନ୍ତା (୪୯)ଙ୍କ ମଙ୍ଗଳବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଗତ ଜୁନ ୨୯ ତାରିଖରେ ନିର୍ମଳ ଅଏଁଲାପାଲି ଗାଁର ଏକ ବିବାହ ଉତ୍ସବରେ ଯୋଗଦାନ କରି ଫେରୁଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡିଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ବୁର୍ଲା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସାମାଜିକ କର୍ମୀ ପ୍ରମୋଦ ଦନ୍ତା, ବିଜେଡି କର୍ମୀ ଗଣେଶ କର୍ଣ୍ଣ, ସାନନ୍ଦ କରନ, ପ୍ରମୁଖ ସ୍ୱର୍ଗତ ଦନ୍ତାଙ୍କ ଶେଷ ଦର୍ଶନ କରିଥିଲେ।

### ବାର୍‌ରେ ବିକ୍ରି ହେଉଛି ଏକ୍ସପାଏରି ମଦ

ଲୋଇସିଂହା, ୬।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ୨୦୧୮ ମସିହାରେ ପ୍ରସ୍ତୁତ ମଦ ବିକ୍ରି ହେଉଛି। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ



କେତେକ ଯୁବକ ଉକ୍ତବାରକୁ ଯାଇ ମଦ ମାଗିଥିଲେ। ବାର କର୍ମଚାରୀ ଇମ୍ପେରିୟଲ ରେଡ ବ୍ଲୁ ନାମକ ହାପ ସାଇଜର ମଦ ବୋତଲ ଦେଇଥିଲେ । ମଦର ଦାମ ୨୪୫ ଟଙ୍କା ଥିବାବେଳେ ତାହା ଫେବୃୟାରୀ ୨୦୧୮ ମସିହାରେ ପ୍ରସ୍ତୁତି ହୋଇଥିବା ବୋତଲରେ ଉଲ୍ଲେଖ ରହିଛି। ଏକ୍ସପାଏରି ମଦ କହି ଗ୍ରାହକମାନେ ଏହାର ପ୍ରତିବାଦ କରିଥିଲେ। ବାର କର୍ମଚାରୀ ଏହା ବଲାଙ୍ଗୀର ଡିପୋରୁ ଯୋଗାଣ ହୋଇଥିବା କହିଥିଲେ। ଲୋଇସିଂହା ଥାନା ଏସଆଇ ନବୀନ ଭୋଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଅବକାରୀ ବିଭାଗକୁ ଜଣାଇବାକୁ କହିଥିଲେ। ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ମେହେରଙ୍କୁ ପଚାରିବାରୁ ଲୋଇସିଂହା ଅବକାରୀ ଇନ୍ସପେକ୍ଟରଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

### ଚାରାରୋପଣ ଅଭିଯାନର ଶୁଭାରମ୍ଭ

ଟିଟିଲାଗଡ଼, ୬।୭ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ନାରେନଠାରେ ନେହେରୁ ଯୁବକେନ୍ଦ୍ର ଏବଂ ଗ୍ରାମର ଆଦର୍ଶ ସାଂସ୍କୃତିକ ସଂଘ ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନବୀନ ଚନ୍ଦ୍ର ନାୟକ, ତହସିଲଦାର ପ୍ରେମଲାଲ ହିଆଲ, ପୋଲିସ ଏଏସଆଇ ଖାମସିଂ ମାଝୀ ଯୋଗଦେଇ ଆଦିଶକ୍ତି ମନ୍ଦିର ପରିସରରେ ଚାରାରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଟିଟିଲାଗଡ କୋଶଲି ସାଂସ୍କୃତିକ ମହାଜୋଟ ସମ୍ପାଦକ ବ୍ୟଙ୍ଗକବି ଟିକେଲାଲ ବେହେରା, ଶରତ ମିଶ୍ର, ଜଗଦୀଶ ଜୈନ, ଦିଗସିରା ସରପଞ୍ଚ ଗୋଲକ ବିହାରୀ ସିଂଭୋଇ, ସ୍ଥାନୀୟ ସମିତି ସଭ୍ୟ ଟଙ୍କଧର ବଗର୍ତ୍ତି, ବନ ବିଭାଗର ଅମରୀଶ ବୁଡେକ, ମନଫୁଲ ଭୋଇ, ଟିଟିଲାଗଡ ନଗର ଆଦିବାସୀ ସଂଘ ସଭାପତି ନିତ୍ୟାନନ୍ଦ ମାଝୀ, ଆଦିବାସୀ ନେତା ବିଭୀଷଣ ମାଝୀ, ଇନ୍ଦ୍ର ମାଝୀ, ଦେବସିଂ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ, ଡିଜେଲ ଦର ବୃଦ୍ଧି

# ଶହେ ପରେ ବି ଚୁପ୍

ବରଗଡ଼ ଅଫିସ୍,୬।୭

ପେଟ୍ରୋଲ ଦର ଶହେ ଟପିଛି। ମଙ୍ଗଳବାର ବରଗଡ଼ରେ ଲିଟର ପ୍ରତି ୧୦୧ ଟଙ୍କା ୫୯ ପଇସା (ସାଧାରଣ) ଏବଂ ୧୦୫ ଟଙ୍କା ୩୪ ପଇସା ରହିଛି। ଏଭଳି ଦରବୃଦ୍ଧି ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡ଼ିଏ ସରକାରକୁ ବିଭିନ୍ନ ମହଲରେ ସମାଲୋଚିତ ହେବାକୁ ପଡୁଛି। କଂଗ୍ରେସ ବିରୋଧର ସ୍ୱର ଉଠାଇଛି। କିନ୍ତୁ ରାଜ୍ୟରେ ଶାସକ ବିଜେଡ଼ି ଏଥିପ୍ରତି ନିରବ ରହିଛି । କରୋନା କାଳରେ କ୍ରମାଗତ ପେଟ୍ରୋଲ ଦରବୃଦ୍ଧି ସବୁବର୍ଗର ଲୋକଙ୍କୁ ପ୍ରଭାବିତ କରିଛି। ଅତ୍ୟାବଶ୍ୟକୀୟ ସାମଗ୍ରୀଠାରୁ ଆରମ୍ଭ କରି ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଆକାଶଛୁଆଁ ହେବାରେ ଲାଗିଛି ଏବଂ ଏହା ସିଧାସଳଖ ଖାଉଟିଙ୍କ ପେଟକୁ ମାଡ଼ ଭଳି ହୋଇଛି।



ବରଗଡ଼ ଗାନ୍ଧୀଛକସ୍ଥିତ ପେଟ୍ରୋଲ ପମ୍ପରେ ଜଣେ ବାଇକ୍ ଚାଳକ ପେଟ୍ରୋଲ ଭରୁଛନ୍ତି।

### ସରକାରଙ୍କ ଇଚ୍ଛାଶକ୍ତିର ଅଭାବ



“ପେଟ୍ରୋଲ ଦରବୃଦ୍ଧି କେବଳ ଗାଡ଼ି ଚାଳକଙ୍କୁ ନୁହେଁ, ଏହା ସିଧାସଳଖ ସାଧାରଣ ଖାଉଟିଙ୍କ ଉପରେ ପ୍ରଭାବ ପକାଇଛି। କେନ୍ଦ୍ର ସରକାର ଚାହିଁଲେ ପେଟ୍ରୋଲ ଦର ହ୍ରାସ କରିପାରିବେ। କିନ୍ତୁ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ରହିଛି। ସରକାରଙ୍କୁ ଯଦି ଅଧିକ ରାଜସ୍ୱ ଆଦାୟର ଆବଶ୍ୟକତା ପଡୁଛି, ପେଟ୍ରୋଲ ଦର ୫୦ ପ୍ରତିଶତ ହ୍ରାସ କରି ଦେଶୀ, ବିଦେଶୀ ମଦ ଦର, ଟ୍ୟାକ୍ସକୁ ୪ଗୁଣା ବୃଦ୍ଧି କରିପାରିଲେ, ତାହା ଭରଣା ହୋଇଯିବ।

**ସୁରେନ୍ଦ୍ର କୁମାର ପଣ୍ଡା, ଆଡ଼ଭୋକେଟ୍, ବରଗଡ଼**

### ଦରବୃଦ୍ଧି ଆଳରେ ଲୁଟ୍ ଚାଲିଛି



“ପେଟ୍ରୋଲ, ଡିଜେଲ ଦରବୃଦ୍ଧିରୁ କେନ୍ଦ୍ରର ମୋଦି ସରକାରଙ୍କ ଅପାରଗତା ବାରି ହୋଇପଡୁଛି। ଅଚ୍ଛେଦିନ୍ ବିକାଶର ନାରା ଦେଇ ଶାସନକୁ ଆସିଥିବା ଏହି ସରକାର ଦେଶର ବିକାଶ ତ ଦୂରର କଥା, ଦେଶବାସୀଙ୍କୁ ଲୁଟ୍ କରି ଚାଲିଛି । ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଯୋଗୁ ଚାଷୀ, ମଧ୍ୟବିତ୍ତ ପରିବାରଠାରୁ ଆରମ୍ଭ କରି ସବୁବର୍ଗର ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି । ଏହାସତ୍ତ୍ୱେ ଏଥିପ୍ରତି ରାଜ୍ୟର ବିଜେଡ଼ି ସରକାର ଚୁପ୍ ରହିବା ଘଟଣାରୁ ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କ ମିଳିଭଗତ୍ ପଦାରେ ପଡ଼ିଛି ।

**ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ଜିଲା କଂଗ୍ରେସ ସଭାପତି**

### କେନ୍ଦ୍ର ସରକାର ଫେଲ୍ ମାରିଛନ୍ତି

“୨୦୧୪ ଅପେକ୍ଷା ବର୍ତ୍ତମାନ କ୍ରୁଡ୍ ଅଏଲ ଦର ଯଥେଷ୍ଟ କମ୍ ରହିଛି। ଏଭଳି ସ୍ଥଳେ ପେଟ୍ରୋଲ, ଡିଜେଲ ଦର ପୂର୍ବ ତୁଳନାରେ ହ୍ରାସ ପାଇବା କଥା। କିନ୍ତୁ ଉଭୟ ପେଟ୍ରୋଲ, ଡିଜେଲ ଦରବୃଦ୍ଧି କେନ୍ଦ୍ର ସରକାରଙ୍କ ଅଭ୍ୟାସରେ ପରିଣତ ହୋଇ ଗଲାଣି। ତୈଳଦର



ବୃଦ୍ଧି ନିୟନ୍ତ୍ରଣରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ଅପାରଗତା ପଦାରେ ପଡ଼ିଛି। ଅପରପକ୍ଷେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ସବୁ ସାମଗ୍ରୀର ଦର ବଢୁଛି ଏବଂ ଖାଉଟି କ୍ଷତିଗ୍ରସ୍ତ ହେଉଛନ୍ତି।

**ଦେବେଶ ଆଚାର୍ଯ୍ୟ, ବିଜେଡ଼ି ବିଧାୟକ, ବରଗଡ଼**

### ରାଜ୍ୟ ସରକାରଙ୍କ ସହମତି ଦରକାର



“ପେଟ୍ରୋଲ, ଡିଜେଲ ଦରବୃଦ୍ଧି ପାଇଁ କେବଳ କେନ୍ଦ୍ର ସରକାର ଦାୟୀ ନୁହଁନ୍ତି। ରାଜ୍ୟ ସରକାରମାନେ ମଧ୍ୟ ଅଧିକ ଭାଟ୍ ଆଦାୟ କରୁଛନ୍ତି। ଯଦି ସମସ୍ତ ରାଜ୍ୟ ସରକାରଙ୍କ ସହମତି ହୁଅନ୍ତା, ପେଟ୍ରୋଲ, ଡିଜେଲ ଜିଏସ୍‌ଟି ପରିସରଭୁକ୍ତ ହୋଇ ପାରନ୍ତା। ଏହାହେଲେ ଦେଶର ଜନସାଧାରଣ ଶସ୍ତାରେ ତୈଳ କ୍ରୟ କରିପାରନ୍ତେ। ବର୍ତ୍ତମାନର କରୋନା ପରିସ୍ଥିତି ଯୋଗୁ ଆଦାୟ ହେଉଥିବା ଅବକାରୀ ଶୁଳ୍କକୁ କୋଭିଡ୍ ମୁକାବିଲା ତଥା ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସରକାର ବ୍ୟୟ କରୁଛନ୍ତି ।

**ଲିପ୍‌ସିତ ମିଶ୍ର, ଭାଜପା ନେତା, ବରଗଡ଼**

## ପିଏମ୍‌ଏୱାଇରେ ଦୁର୍ନୀତି, ଆନ୍ଦୋଳନ କରିବ ଭାଜପା

ସୋନପୁର,୬।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଚାଲିଛି। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟଙ୍କୁ ଯୋଜନାରେ ସାମିଲ କରାଯାଉଛି। ଛାତ ପଡି ନଥିବା ଘରକୁ ସମ୍ପୂର୍ଣ୍ଣ ଦର୍ଶାଯାଉଛି। ମାତ୍ର ସମ୍ପୃକ୍ତ ଅଧିକାରୀଙ୍କୁ ଘଣ୍ଟ ଘୋଡା ଯାଉଛି। ଏଭଳି ଦୁର୍ନୀତିକୁ ନେଇ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ପ୍ରମୋଦ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ୭, ୮ ଓ ୯ ତାରିଖରେ ଜିଲାର ସମସ୍ତ ୬ଗୋଟି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ସେହିପରି ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି ମହାପାତ୍ର କହିଛନ୍ତି। ସମ୍ମିଳନୀରେ ମହିଳା ମୋର୍ଚ୍ଚା ସଭାପତି ସଞ୍ଜୁକ୍ତା ହୋତା, ଜିଲା ମିଡିଆ ସେଲ ପ୍ରମୁଖ ସୁନୀତା ଗିରି, ସୋନପୁର ନଗର ସଭାପତି ଜଗତଜ୍ୟୋତି ତ୍ରିପାଠୀ, ରବି ନାରାୟଣ ପାଢୀ ଓ ସୁଦେଷ୍ଣା ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ନିର୍ଯାତନା

ବଲାଙ୍ଗୀର ଅଫିସ, ୬।୭

- କଙ୍ଗାରୁ କୋର୍ଟ କରି ବୃଦ୍ଧଙ୍କୁ ବିଷ୍ଠା ଖୁଆଇ ପରିସ୍ରା ପିଆଇଲେ
- ୩ ଜଣଙ୍କୁ କୋର୍ଟଚାଲାଣ କଲା ପୋଲିସ
- ଘଟଣା ରେକର୍ଡିଂ କରି ଭାଇରାଲ କରିଥିଲେ

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ପରୁଆଭାଡି ଗାଁରେ ଗୁଣିଗାରେଡି ସନ୍ଦେହରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଗୁଣିଆ ସନ୍ଦେହରେ ଗାଁର କେତେକ ଲୋକ କଙ୍ଗାରୁ କୋର୍ଟ ଜରିଆରେ ବିଚ୍ ରାସ୍ତାରେ ନିସ୍ଥୁକ ମାଡ ମାରିବା ସହ ସର୍ବସମ୍ମୁଖରେ ପରିସ୍ରା ପିଆଇ ବିଷ୍ଠା ଖୁଆଇବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ସିନ୍ଧେକେଲା ଥାନାରେ ଏକ ମାମଲା (ନଂ.୬୪/୨୧)ରୁଜୁ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ପରୁଆଭାଡିର ଜଣେ ୬୦ବର୍ଷୀୟଙ୍କୁ ଗତ ୩ତାରିଖ ଦିନଦ୍ୱିପହରେ ଗାଁର କେତେକ ଲୋକ ଘେରିଯାଇ ସେ ଗୁଣିଗାରେଡି କରୁଥିବା ଅଭିଯୋଗ କରି ମାଡ ମାରିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ପରିସ୍ରା ପିଆଇବା ସହ ବିଷ୍ଠା ଖୁଆଇଥିଲେ। ଏଭଳିକି ତାଙ୍କୁ ଧରି ଗାଁରେ ବୁଲାଇ ଥିଲେ। ଏହି ସବୁ ଘଟଣାକୁ ମୋବାଇଲରେ ରେକର୍ଡିଂ କରି ଭାଇରାଲ କରିଥିଲେ। ସେମାନଙ୍କ ମାଡ ଖବର ପାଇ ଘଟଣାଦିନ ରାତିରେ ପୋଲିସ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଛି। ଏହି ଘଟଣାରେ ପୋଲିସ ଟୁନୁ ପରାଭୁଏ, କୈଳାସ ଘିବେଲା ଓ ଦୟାନନ୍ଦ ଝାଙ୍କରଙ୍କୁ ଗିରଫ କରିଛି। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସମ୍ପୃକ୍ତ ବୃଦ୍ଧ ଗୁଣିଗାରେଡି କରୁଥିବା ନେଇ ଗ୍ରାମବାସୀ ସନ୍ଦେହ କରିଥିଲେ। ତେବେ ନିର୍ଯାତନାର ଶିକାର ବୃଦ୍ଧ ଜଣକ ଗଣମାଧ୍ୟମକୁ କହିଛନ୍ତି ଯେ, ସେ ଗୁଣିଗାରେଡି, ତନ୍ତ୍ରମନ୍ତ୍ର କ'ଣ ଜାଣନ୍ତି ନାହିଁ। ତାଙ୍କୁ ଅଯଥାରେ ମାଡ ମରି ପରିସ୍ରା ପିଆଇବା ସହ ବିଷ୍ଠା ଖୁଆଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କୁ ପଚରାଯିବାରୁ ଅଭିଯୋଗର ତଦନ୍ତ ଚାଲିଛି। ଏବେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି କହିଛନ୍ତି।

## ଗଞ୍ଜେଇ ଜବତ, ୩ ଛତିଶଗଡ଼ ଯୁବକ ଗିରଫ

ସୋନପୁର,୬।୭(ନି.ପ୍ର.)

ସୁବର୍ଣ୍ଣପୁର ଅବକାରୀ ବିଭାଗ ପକ୍ଷରୁ ସୋନପୁର ବ୍ଲକ ଛକଠାରେ ମଙ୍ଗଳବାର ଚଢାଉ କରାଯାଇ ଗଞ୍ଜେଇ ଓ କାର ଜବତ କରାଯାଇଛି। ଏହି ଘଟଣାରେ ଛତିଶଗଡର ୩ ଯୁବକ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଛତିଶଗଡ ରାଜ୍ୟ ବଟୋଡା ଥାନା ପରସାଭାଦର ଗାଁର ହୀରାମନ ଗେଣ୍ଡରେ(୨୩), ଦୁର୍ଗ ଜିଲା ପୁରୁଣା ଭିଲାଇ ଗାଁର ଭୁପେଶ ବୈଷ୍ଣବ(୨୪) ଓ ରାୟଗଡ ଜିଲା ତିଲଦା ଗାଁର ହରିଲାଲ ବୈଷ୍ଣବ(୨୩) । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଏସ୍‌ପି ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ସୁଧୀର କୁମାର ମିଶ୍ର,



ଗିରଫ ୩ ଅଭିଯୁକ୍ତ।

ଏଏସଆଇ ପରମେଶ୍ୱର ସୁନା, ସବିତା ପଟ୍ଟନାୟକ, କନେଷ୍ଟବଳ ପୃଥ୍ୱୀରାଜ କହଁର, ଭାଗ୍ୟବାନ କୁମ୍ଭାର ଓ ପିଣ୍ଟୁ ସାହୁ ପ୍ରମୁଖ ଏହି ଚଢାଉ କରିଥିଲେ। କାର ତନଖି ସମୟରେ ୧୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଗଞ୍ଜେଇ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳରୁ ଛତିଶଗଡକୁ ଚୋରା ଚାଲାଣ ହେଉଥିବା ଜଣାପଡିଛି।

## ପଶ୍ଚିମବଙ୍ଗକୁ ବେଆଇନ ଗୋରୁ ଚାଲାଣ

### କଣ୍ଟେନର ଜବତ, ୬ ଅଟକ

ଲୋଇସିଂହା,୬।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଡୁଡୁକା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ବେଆଇନ ଭାବେ କଣ୍ଟେନରରେ ଗୋରୁ ଚାଲାଣ କରାଯାଉଥିବାବେଳେ ସୋମବାର ରାତିରେ ଲୋଇସିଂହା ପୋଲିସ ହାତରେ ଧରା ପଡିଛି। ଗାଡିରୁ ୪୦ଗୋରୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ରାଜ୍ୟର ୬ ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି । ଆଗଲପୁର ବ୍ଲକ ରୋତ ସାପ୍ତାହିକ ବଜାରରୁ ପ୍ରତ୍ୟେକ ସପ୍ତାହରେ ପଶ୍ଚିମବଙ୍ଗକୁ ଗତ କିଛିବର୍ଷ ହେଲା ଗୋରୁ ଚାଲାଣ ହେଉଛି। ଏହି ବେଆଇନ କାର୍ଯ୍ୟକୁ ସ୍ଥାନୀୟ ପୋଲିସର ପ୍ରଚ୍ଛନ୍ନ ସହଯୋଗ ରହୁଥିବା ସେଠିକାର ଜନସାଧାରଣ ଅଭିଯୋଗ କରିଛନ୍ତି। ତେବେ ସୋମବାର ରାତିରେ ଟ୍ରେନିଂ ଡିଏସପି ଅମରତ କୁମାର ପଣ୍ଡା ଅତର୍କିତ ଚଢାଉ କରିଥିଲେ । ରୋତରୁ ସାଲେଭଟା ଅଭିମୁଖେ ଆସୁଥିବା କଣ୍ଟେନର(ଡବ୍ଲୁବି୧୧ଡି ୮୯୮୮)କୁ ଡୁଡୁକା ବ୍ଲକ ଅଫିସ ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ୪୦ ଗୋରୁ ଥିବା ଜଣାପଡିଥିଲା। ଗୋରୁ ବୋଝେଇ କଣ୍ଟନରକୁ ଜବତ କରିବା ସହ ଚାଲାଣକାରୀଙ୍କୁ ଥାନାରେ ଅଟକ ରଖାଯାଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ରୁଗୁଡିଖାଲଠାରେ କେଶରିଆ ହିନ୍ଦୁବାହିନୀର ସମ୍ବର୍ଦ୍ଧନା ସଭାରେ ଲୋଇସିଂହା ଥାନା ଅଞ୍ଚଳରୁ ନିୟମିତ ଗୋଚାଲାଣକୁ ନେଇ ସଭାରେ ଉଦବେଗ ପ୍ରକାଶ ସଂକ୍ରାନ୍ତ ଖବର ଧରିତ୍ରୀରେ ସୋମବାର ପ୍ରକାଶ ପାଇଥିଲା ।

## ମା'ବାପା ଛେଉଣ୍ଡ ପିଲାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



ଅସହାୟ ପିଲାଙ୍କୁ ଭେଟିବାକୁ ଆସିଥିବା ଅବସରରେ ପ୍ରଶାସନିକ ଅଧିକାରୀମାନେ।

ଖପ୍ରାଖୋଲ, ୬।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ ଦେଦର୍ହ ଗାଁର ମା ବାପା ଛେଉଣ୍ଡ ପିଲାଙ୍କ ପାଖରେ ମଙ୍ଗଳବାର ପହଞ୍ଚିଛି ବ୍ଲକ ପ୍ରଶାସନ। ବିଡିଓ ପ୍ରଭାତ କୁମାର ସାହୁ, ତହସିଲଦାର ଧିରୋଜ କୁମାର ପାତ୍ର , ସିଡିପିଓ ସୁଜାତା ଦୋରା, ସୁପରଭାଇଜର ପଙ୍କଜିନୀ ମିଶ୍ର, ଜିପିଇଓ ସୁଶାନ୍ତ ପାଣି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ ଦେଦର୍ହରେ ପହଞ୍ଚି ଅସହାୟ ପିଲାଙ୍କ ସହ ଆଲୋଚନା କରିଥିଲେ । ମୃତକଙ୍କ ପରିବାରରେ ୩ ଜଣ ପିଲା ଅଛନ୍ତି। ଜଣକ ବୟସ ୧୮ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଅନ୍ୟ ୨ଜଣ ନାବାଳକ ଭଉଣୀ ଭାଇ ଅଛନ୍ତି। ସେମାନଙ୍କୁ

### ଆଶୀର୍ବାଦ ଯୋଜନାରେ ସାମିଲ ପାଇଁ ପ୍ରତିଶ୍ରୁତି

ସରକାରଙ୍କ ଆଶୀର୍ବାଦ ଯୋଜନାରେ ମାସକୁ ୨୫ ଶହ ଟଙ୍କା ଲେଖାଏ ଦେବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଶାକର୍ମୀ, ଅଙ୍ଗନଓ୍ୱାଡି କର୍ମୀ ଉପସ୍ଥିତ ଥିଲେ । ସୂଚନା ଅନୁସାରେ ଗାଁର ଗୋବିନ୍ଦ ବରିହା(୪୦) ୬ ମାସ ତଳେ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ମୃତ୍ୟୁ ହୋଇଯାଇଥିଲା। ସ୍ତ୍ରୀ ସରିତା (୩୫)ଙ୍କ ୨ ମାସ ତଳେ କରୋନାରେ ମୃତ୍ୟୁ ହୋଇଥିଲା। ଫଳରେ ପିଲାମାନେ ମା ବାପ ଛେଉଣ୍ଡ ହୋଇ ଅସହାୟ ଭାବରେ ଥିଲେ ।

## ୭୨ତମ ବନ ମହୋତ୍ସବ ପାଳିତ

ଦେଓଗାଁ, ୬।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବନ ବିଭାଗ ପକ୍ଷରୁ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ରେଞ୍ଜର ଆଲୋକ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରଜେତା ପୁରୋହିତ, ପବିତ୍ର ଭୋଇ, ବିବେକାନନ୍ଦ ମେହେର, ପ୍ରାଣବନ୍ଧୁ ରାଉତ, ସୁଜିତ କୁଦେଇ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏ ଅବସରରେ ଦେଓଗାଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସର ଓ ମହନ୍ତ ଗିରିଧାରୀ ଉଚ୍ଚବିଦ୍ୟାଳୟ ସିନଖମନଠାରେ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫରେଷ୍ଟର ବାବୁଲା ଦାଶ, ମଧୁସୂଦନ ଚାନ୍ଦ, ଫରେଷ୍ଟ ଗାର୍ଡ ବିପିନ ବିହାରୀ ଭୋଇ, ଡିଇଓ ନରେନ୍ଦ୍ର ବିଶ୍ୱାଳ, ଡିଓ କନକ ବର୍ଦ୍ଧନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଜିଲାପାଳଙ୍କୁ ଫେରାଦ ହେଲେ ପ୍ରବାସୀ ଶ୍ରମିକ

ବରଗଡ଼ ଅଫିସ୍,୬।୭

ବରଗଡ଼ ବ୍ଲକ ତୋରା ଆମ୍ବପଡ଼ାରୁ ତେଲଙ୍ଗାନା ରାଜ୍ୟକୁ କର୍ମ ଅନ୍ୱେଷଣରେ ଯାଇ ନିର୍ଯାତନାର ଶିକାର ହେବା ପରେ ଘରକୁ ଫେରିଥିବା ପ୍ରବାସୀ ଶ୍ରମିକ ସୁରେନ୍ଦ୍ର ସୁନାଙ୍କ ପରିବାର ଲୋକେ ବକେୟା ପାଉଣା ଦାବି କରିଛନ୍ତି । ଏହି ଦାବି ନେଇ ମଙ୍ଗଳବାର ସେମାନେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ୨୦୨୦ରେ ସୁରେନ୍ଦ୍ର, ଝିଅ ସରସ୍ୱତୀ, ବବିତାଙ୍କ ସମେତ ସମୁଦାୟ ୨୬ଜଣ ତେଲଙ୍ଗାନା ରାଜ୍ୟ କାମ୍ମାରେଡ୍ଡି ଜିଲାକୁ ଯାଇ ଏକ ଇଟାଭାଟିରେ କାମ



ଜିଲାପାଳଙ୍କୁ ଫେରାଦ ହୋଇଥିବା ପ୍ରବାସୀ ଶ୍ରମିକଙ୍କ ପରିବାର ଲୋକେ।

କରିଥିଲେ। ଇଟାଭାଟି ମାଲିକ ପାଉଣା ବଦଳରେ ନିର୍ଯାତନା ଦେଇଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ପ୍ରବାସୀ ଶ୍ରମିକମାନେ ଘରକୁ ଫେରିଥିଲେ। ଏ ନେଇ ଶ୍ରମ ଅଦାଲତରେ ଏକ ମାମଲା ମଧ୍ୟ ବିଚାରାଧୀନ ରହିଥିବା ଶ୍ରମିକମାନେ କହିଛନ୍ତି। ଏହି ମାମଲାର ତୁରନ୍ତ ବିଚାର କରି ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଶ୍ରମିକମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସୁରେନ୍ଦ୍ରଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ ।

## ରାଶନକାର୍ଡ ଅଛି, ମିଳୁନି ପିଡିଏସ୍ ଚାଉଳ

ଅମରପାଲି, ୬।୭ (ଡି.ଏନ.ଏ)

ରାଶନ କାର୍ଡ ଥାଇବି ବର୍ଷେ ହେଲା ମିଳୁନାହିଁ ପିଡିଏସ୍ ସାମଗ୍ରୀ। ଫଳରେ ଅତି ଦୟନୀୟ ଭାବେ ଜୀବନ ବିତାଉଛନ୍ତି ଜଣେ ୯୨ବର୍ଷିୟା ବୃଦ୍ଧା। ଏଭଳିଆ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଅମରପାଲି ଗ୍ରାମରେ। ଗ୍ରାମର ଝଟ ଗୁରୁ (୯୨)ଙ୍କୁ ବର୍ଷେ ହେଲା ପିଡିଏସ ଚାଉଳ ଓ କିରୋସିନ ଦିଆଯାଉ ନଥିବା ଅଭିଯୋଗ ହେଉଛି। ଏହା ବ୍ୟତୀତ ଗ୍ରାମର କୁହୁରୁ କମିଲ (୪୫) ନାମକ ଜଣେ ଭିନ୍ନକ୍ଷମଙ୍କୁ



ପିଡିଏସ ପାଉ ନ ଥିବା ଝଟ ଗୁରୁ।

ମଧ ଏବେ ଦିଆଯାଇଥିବା ମାଗଣା ଚାଉଳ ମଧ ଦିଆଯାଇ ନାହିଁ। ଝଟ ଗୁରୁ ତାଙ୍କ ପୁଅ ଅଖାଡୁ ଗୁରୁଙ୍କ ସହିତ ରହନ୍ତି। ଉକ୍ତ ପରିବାର ଅତ୍ୟନ୍ତ ଗରିବ। ଜମିବାଡି ଅଧ ଏକରରୁ କମ ହେବ। କୁଲି ମଜୁରୀ କରି ୪ପ୍ରାଣୀ କୁଟୁମ୍ବ ପରିବାର ଚଳାନ୍ତି। ପିଡିଏସ ଚାଉଳରୁ ମାସର ଅଧା ଦିନ ଆହାର ମିଳିଥାଏ। ଏବେ ପୁଣି ଉକ୍ତ ବୃଦ୍ଧାଙ୍କ ଚାଉଳ ବନ୍ଦ କରି ଦିଆଯିବାରୁ ସମସ୍ୟା ଆହୁରି ବଢ଼ି ଯାଇଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଚାଉଳ ପାଇଁ ଗଲେ ତୁମର ଆଧାର କାର୍ଡ ନ ଥଇବାରୁ ଚାଉଳ ଦିଆଯିବ ନାହିଁ କହି ଫେରାଇ ଦେଉଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ବୟସ ଅଧିକ ହେତୁ ଆଧାର କାର୍ଡ ହେବନାହିଁ ବୋଲି ଆଧାର କେନ୍ଦ୍ର ମଧ୍ୟ ଫେରାଇ ଦେଉଛି। ଅନ୍ୟପକ୍ଷରେ ୯୨ ବର୍ଷ ହୋଇଥିଲେ ମଧ୍ୟ ମାସିକ ଭତ୍ତା ୭ ଶହ ଟଙ୍କା ବଦଳରେ ମାତ୍ର ୫ଶହ ଟଙ୍କା ମିଳୁଛି । ପିଡିଏସ ମିଳୁ ନ ଥିବା ନେଇ ବୀରମହାରାଜପୁର ଯୋଗାଣ ଅଧିକାରୀ (ଏମଆଇ) ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ପଚାରିବାରୁ ଯଦି ତାଙ୍କର ଆଧାର କାର୍ଡ ନାହିଁ ତେବେ ସେମାନେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଏକ ପରିଚୟ ପତ୍ର ଆଣି ଦାଖଲ କଲେ ଯଥାଶୀଘ୍ର ପିଡିଏସ ଦେବାର ବ୍ୟବସ୍ଥା କରିବୁ ବୋଲି କହିଛନ୍ତି ।

## ମହାନଦୀରେ ଡଙ୍ଗା ବୁଡ଼ି, ବର୍ତ୍ତିଲେ ୧୨ ଯାତ୍ରୀ

ପୁରୁଣାକଟକ,(ଡି.ଏନ.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଲପୁର ମହାନଦୀ ବ୍ରିଜ ଘାଟରେ ମଙ୍ଗଳବାର ଏକ ଡଙ୍ଗା ବୁଡ଼ି ଯାଇଥିବା ବେଳେ ୧୨ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଡଙ୍ଗାରେ ଏହି ଯାତ୍ରୀମାନେ ଆଠମଲ୍ଲିକ ପଟରୁ ଧଲପୁର ବ୍ରିଜ ଘାଟକୁ ଆସୁଥିବା ସମୟରେ କୌଣସି କାରଣରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡି ଯାଇଥିଲା। ତେବେ ଯାତ୍ରୀମାନେ ପହଁରି ପହଁରି କୂଳରେ ଲାଗି ଯାଇଥିଲେ। ସୌଭାଗ୍ୟବଶତଃ ଏକ ୫ ବର୍ଷର ଶିଶୁ ସୁରକ୍ଷିତ ଥିବା ଜଣାପଡିଛି। ଦୁଇଟି ବାଇକ୍ ପାଣିରେ ବୁଡି ଯାଇଥିବା ଜଣାପଡିଛି। ଦୁର୍ଘଟଣା ଖବର ପାଇ ଆଠମଲ୍ଲିକ ଓ ଚାରିଛକରୁ ଦମକଳବାହିନୀ ପହଞ୍ଚି ଥିବା ଜଣାପଡିଛି।

## ସଂକ୍ଷେପରେ

### ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ବାଉଁଶୁଣୀ,୬।୭(ଡି.ଏନ.ଏ.): ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ ଯୋଗଦେଇ ବିଭିନ୍ନ ପ୍ରକାର ଚାରା ରୋପଣର ଶୁଭାରମ୍ଭ କରିଥିଲେ । ଜାତୀୟ ସେବା ଯୋଜନାର ବୌଦ୍ଧ ଜିଲା ସଂଯୋଜକ ଡ. ମନୋରଞ୍ଜନ ଘଡେଇଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ କାଉନସିଲର ବାବାରାମ ଦେହୁରୀ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରଶାନ୍ତ ମଲ୍ଲିକ, ମହାବିଦ୍ୟାଳୟର ଅଧାପିକା ଅଧାପକ ଏବଂ ଯୁବ ରେଡକ୍ରସର ୨୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇ କଲେଜ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ ।

### ମାନବ ପ୍ରେମୀ ଆଦିତ୍ୟ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ବୌଦ୍ଧ,୬।୭(ସ୍ୱ.ପ୍ର.): ମାନବ ପ୍ରେମୀ ଆଦତ୍ୟ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମାରୁତି ସେନା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେନା ପକ୍ଷରୁ ବୌଦ୍ଧ ବ୍ଲକ ମୁରୁଷୁଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେତେଲେଙ୍ଗା ଗ୍ରାମର ଗୋପାଳଜୀ ମଠରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମ କରାଯାଇଥିଲା । ପରେ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ସୁଶୀଳ କୁମାର ପାତ୍ର, କେଶବ ହରି ଦୀପ, ସୁବାଶ ଚନ୍ଦ୍ର ସାହୁ, ଜ୍ଞାନେନ୍ଦ୍ର ଜେନା, ନିଳାଦ୍ରୀ ଭୂଷଣ ନାୟକ, ଆଦିତ୍ୟ ପ୍ରଧାନ, ଆଶିଷ ଠାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ,ଆଦିତ୍ୟଙ୍କ ନିଜ ଘର ବାଉଁଶୁଣୀ ଥାନା ଅଧୀନ ତାଳସରଡା ଗ୍ରାମରେ ।

### ୬ ମାସ ଯାଏଁ ସେଠି ରହିବାକୁ ଅନୁମତି

**ଆଦିବାସୀ ପରିବାରଙ୍କୁ ବିତାଡିତ କରିବା ଘଟଣା**

କୋକସରା,୬।୭ (ଡି.ଏନ.ଏ.): କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଗୋତମୁଣ୍ଡା ପଞ୍ଚାୟତ ବେହେରା ଫରେଷ୍ଟ ଅଧୀନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଅନାଧିକୃତ ଭାବେ ରହୁଥିବା ଭଟାପାଣି ଓ ଡୁମେରପାଣିର ୩୫ ଆଦିବାସୀ ପରିବାରକୁ ବନ ବିଭାଗ ଓ ଜଙ୍ଗଲ ସୁରକ୍ଷା ସମିତି ପକ୍ଷରୁ ବିତାଡିତ କରିବା ଘଟଣାରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁଇ ଜିଲା ପ୍ରଶାସନ ପକ୍ଷରୁ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ସେମାନେ ୬ ମାସ ଯାଏଁ ସେଠି ରହିବେ। ପରବର୍ତ୍ତୀ ସମୟରେ ନବରଙ୍ଗପୁର ଜିଲା ପ୍ରଶାସନ ନିଷ୍ପତ୍ତି ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତ କହିଛନ୍ତି। ବୈଠକରେ ଧର୍ମଗଡ଼ ଉପଜିଲାପାଳ ପାୱାର ସଚିନ୍ ପ୍ରକାଶ, ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୌପଦାର, କଳାହାଣ୍ଡି ଏସିଏଫ ଅନିଲ କୁମାର ରାୟ, କୋକସରା ବିଡିଓ ମନିଷା ଦାସ, ଚାନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ଚାନ୍ଦାହାଣ୍ଡି ତହସିଲଦାର ଜି. ରଶ୍ମିରେଖାଙ୍କ ସମେତ ଉଭୟ ଗ୍ରାମର ଲୋକେ ଉପସ୍ଥିତ ଥିଲେ। ସୂଚନା ଯେ, ଗତ ୩୦ ତାରିଖରେ ବେହେରା ଫରେଷ୍ଟ ବିଭାଗ ଓ ଗୋତମୁଣ୍ଡା ବନ ସୁରକ୍ଷା ସମିତି ପକ୍ଷରୁ ଭଟାପାଣି ଓ ଡୁମେରପାଣି ଗ୍ରାମର ଅଧିବାସୀଙ୍କୁ ମାଡ଼ ମାରି ବିତାଡ଼ିତ କରିଥିଲେ। ଏ ନେଇ ଆଦିବାସୀ ପରିବାର ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ କରାଯାଇଥିଲା। ଘଟଣା ପରେ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଓ ଅମପାଣି ପୋଲିସ ତଦନ୍ତ ଜାରି ରଖିଥିଲେ।

# ଚାଉଳ ଲୁଟ୍‌ର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

- ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କଲେକ୍ଟରୀ ଘେରାଉ
- ଟ୍ରାନ୍ସପୋର୍ଟିଂ ଠିକାଦାରଙ୍କୁ ଗିରଫ ଦାବି
- ମନ୍ଦ ଉଦ୍ଦେଶ୍ୟ ରଖି ତୁଷରାରେ ଗୋଦାମ କରାଯାଇଛି

ବଲାଙ୍ଗୀର ଅଫିସ, ୬।୭



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବିଭିନ୍ନ ଯୋଜନାରେ ଜିଲାକୁ ଯୋଗାଣ ହେଉଥିବା ହଜାର ହଜାର କୁଇଣ୍ଟାଲ ସରକାରୀ ଚାଉଳକୁ ଯୋଜନାବଦ୍ଧଭାବେ ଲୁଟ୍ କରାଯାଉଛି। ଟ୍ରାନ୍ସପୋର୍ଟିଂ ଠିକାଦାର ଓ ତାଙ୍କ ଟିମ୍ ଏହି ଲୁଟ୍‌ରେ ମାତିଛନ୍ତି। ଅଳ୍ପ କିଛି ବର୍ଷ ମଧ୍ୟରେ ଏହି ଟ୍ରାନ୍ସପୋର୍ଟିଂ ଠିକାଦାର ୧୦୦କୋଟି ଟଙ୍କାର ମାଲିକ ହୋଇଗଲେଣି। ଏହି ଲୁଟ୍‌ରେ ଆହୁରି ବଡ ଲୋକ ସାମିଲ ଅଛନ୍ତି। ଏହି ଚାଉଳ ଲୁଟ୍‌ର କ୍ରାଇମବ୍ରାଞ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ରହସ୍ୟ ପଦାକୁ ଆସିବ ବୋଲି ମଙ୍ଗଳବାର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ନେତୃତ୍ୱରେ ଏକ କଂଗ୍ରେସ ପ୍ରତିନିଧି ଦଳ ଦାବିକରି ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ଦେଇଛନ୍ତି।

ବଲାଙ୍ଗୀର ଜିଲାର ସ୍କୁଲମାନଙ୍କ ମଧ୍ୟାହ୍ନଭୋଜନ, ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପିଡିଏସ୍ ଚାଉଳ ଓ ଅଙ୍ଗନୱାଡି ଶିଶୁଙ୍କ ଖାଦ୍ୟ ଚାଉଳ ଲୁଟ୍ କରାଯାଉଛି। ଗତ କିଛିଦିନ ମଧ୍ୟରେ ଜିଲାରେ ଅଙ୍ଗନୱାଡି ସେଣ୍ଟରକୁ ଯୋଗାଣ ହେଉଥିବା ଚାଉଳ ଦୁର୍ନୀତି ଧରାପଡିଛି। ଏହି ଦୁର୍ନୀତିରେ ସରକାରୀ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। ହେଲେ ଚାଉଳ ଚୋରି କରୁଥିବା ଠିକାଦାରଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଧାୟକ ସାଲୁଜା ଅଭିଯୋଗ କରିଛନ୍ତି ଯେ, ଜିଲାର ଚାଉଳ ଟ୍ରାନ୍ସପୋର୍ଟି କରୁଥିବା ଠିକାଦାର କବି ସାହୁ, ଟିକେଲାଲ ସାହୁ ଏବଂ ତାଙ୍କ ପାର୍ଟନରମାନେ ଜିଲାରେ ସରକାରୀ ଚାଉଳକୁ ଆତ୍ମସାତ୍ କରିଛନ୍ତି। ୨୦୦୪ରୁ ୨୦୧୨ ପର୍ଯ୍ୟନ୍ତ ବଲାଙ୍ଗୀର ସିଏସ୍‌ଓ ଅଫିସରେ ଅସ୍ଥାୟୀ ଡ୍ରାଇଭର କାମ କରୁଥିବା ଟିକେଲାଲ ଓ ତାଙ୍କ ଭାଇ ଏବେ କୋଟିପତି ବନିଯାଇଛନ୍ତି । ବିଭିନ୍ନ ସମୟରେ ସେମାନଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏତେ କମ୍ ସମୟରେ ଟିକେଲାଲ ଓ କବି ସାହୁଙ୍କ ଅମାପ ସମ୍ପତ୍ତି କେଉଁଠୁ ଆସିଲା ତାର କ୍ରାଇମବ୍ରାଞ୍ଚସ୍ତରୀୟ ତଦନ୍ତ କରିବାକୁ ବିଧାୟକ ସାଲୁଜା ଦାବି କରିଛନ୍ତି। ବଲାଙ୍ଗୀର ଜିଲା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀଙ୍କ ନିଜ ଜିଲା ହୋଇଥିବାବେଳେ ଏଠାରେ ଅଙ୍ଗନୱାଡି ଏବଂ ଏମ୍‌ଡିଏମ୍ ଚାଉଳ ଲୁଟ୍ ଘଟଣା ସବୁଠୁ ବେଶୀ ଦେଖାଦେଇଛି। ଟିକେଲାଲଙ୍କ ମାଲିକାନାରେ ଥିବା ଟିଟିଲାଗଡ ନିକଟ ଲଇତରା ବମଳେଶ୍ୱରୀ ରାଇସ ମିଲ୍‌କୁ ପ୍ରଶାସନ ପକ୍ଷରୁ ଘଣ୍ଟ ଘୋଡାଯାଉଛି। ଏହାବାଦ୍ ଯୋଗାଣ ନିଗମଙ୍କ ସହ ପିପିପି ମୋଡରେ ତୁଷରାଠାରେ ଏକ ଗୋଦାମ ତିଆରି ହୋଇଛି। ଏହି ଗୋଦାମ ଜିଲାର ଚୋରାଚାଉଳ ପରିଚାଳନା ଭଳି ମନ୍ଦ ଉଦ୍ଦେଶ୍ୟ ରଖି ତିଆରି କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ବିଧାୟକ ସାଲୁଜା ଓ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲାରେ ସରକାରୀ ଚାଉଳ ଲୁଟ୍ ଉପରେ ଅଭିଯୋଗ କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ବେଆଇନ ଅମାପ ସମ୍ପତ୍ତି ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସ୍ଥାନୀୟ ଯାଦବ ଭବନରୁ କଂଗ୍ରେସ କର୍ମୀମାନେ ରାଲିରେ ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଦେଇଥିଲେ। ପ୍ରତିନିଧି ଦଳରେ ତ୍ରିନାଥ ରାଓ, ସନ୍ତକ ବହିଦାର, ପ୍ରଫୁଲ୍ଲ ବଘାର, ବେଲାଲସେନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରା, ବାହୁଡ଼ାଯାତ୍ରା ପ୍ରସ୍ତୁତି ବୈଠକ

ଭବାନୀପାଟଣା, ୬।୭ (ଡି.ଏନ.ଏ.)

ସ୍ଥାନୀୟ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲଙ୍କ ଅଧକ୍ଷତାରେ ରଥଯାତ୍ରା ଓ ବାହୁଡା ଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ଶୁଭାଦୀପ୍ତା ମହାନ୍ତି ସ୍ୱାଗତ କରି ମତ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ପଟେଲ ଚଳିତବର୍ଷ ରାଜ୍ୟ ସରକାରଙ୍କ କରୋନା କଟକଣା ନିର୍ଦ୍ଦେଶ ଅନୁଯାୟୀ ପୁରୀ ଜଗନ୍ନାଥ ମନ୍ଦିର ବ୍ୟତୀତ ଅନ୍ୟ କୌଣସି ଜିଲାରେ ରଥଟଣା ଓ ଭକ୍ତ ସମାଗମ ହେବନାହିଁ। ଭବାନୀପାଟଣାସ୍ଥିତ ଜଗନ୍ନାଥ ମନ୍ଦିର, ବାଲାଜୀ ମନ୍ଦିର ତଥା ଜିଲାର ସମସ୍ତ ଜଗଗନ୍ନାଥଙ୍କ ମନ୍ଦିରରେ କେବଳ ଯଥାବିଧି ନିତୀକାନ୍ତି ସହ ଆନୁଷ୍ଠାନିକ ଭାବେ ମନ୍ଦିର ପରିସରରେ ପୂଜା ହେବ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଉପଜିଲାପାଳ ସୁଶାନ୍ତ ସିଂ, ଅତିରିକ୍ତ ଏସ୍‌ପି ବିଜୟ କୁମାର ନନ୍ଦ, ଆଇଆଇସି ପ୍ରଦୀପ କୁମାର ଧରୁଆ, ଇଓ ବିଶ୍ୱମ୍ଭର ମିଶ୍ର, ସଂସ୍କୃତି ଅଧିକାରୀ ଶ୍ରୀମତୀ ବେହେରା, ଶାନ୍ତି କମିଟି ମୁସଲିମ ନେତୃବୃନ୍ଦ ବୁଦ୍ଧିଜୀବୀ ଓ ଡିଆଇପିଆରଓ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କର

ସୋନପୁର,୬।୭(ନି.ପ୍ର.)


ସମୀକ୍ଷା ବୈଠକରେ କେବିକେ ଯୁଗ୍ମ ପ୍ରଶାସକ ନୃପରାଜ ସାହୁ।

କେବିକେ ଯୁଗ୍ମ ପ୍ରଶାସକ ନୃପରାଜ ସାହୁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସ୍ୱାସ୍ଥ୍ୟ ବିଭାଗରେ ଭିତ୍ତିଭୂମିର ଉନ୍ନତି, ଗ୍ରାମାଞ୍ଚଳ ପାନୀୟ ଜଳଯୋଗାଣ, ମିଶନ ଶକ୍ତି, କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟ, ସାମାଜିକ ସୁରକ୍ଷା, ଜିଲା ମଙ୍ଗଳ ବିଭାଗ ଓ ଶିକ୍ଷା ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭାଗଗୁଡିକ ପକ୍ଷରୁ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ଭିତରେ ସାରିବା ଓ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସାହୁ ପରାମର୍ଶ ଦେଇଥିଲେ। ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ସୁକାନ୍ତ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା, ଗ୍ରାମ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଇଂ ବିଭୁ ପ୍ରସାଦ ପଣ୍ଡା, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଅନିତା ଗୁରୁ ଓ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଯୋଗଦାନ

ଭବାନୀପାଟଣା, ୬।୭ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନୂତନ ନିଯୁକ୍ତ କରିଥିବା କଳାହାଣ୍ଡି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୋମେଶ ଉପାଧ୍ୟାୟ (ଆଇଏଏସ୍) ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ଡିଆର୍‌ଡିଏରେ କାର୍ଯ୍ୟରତ ଅଧିକାରୀ ତଥା କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପିଡି ଉପାଧ୍ୟାୟ ଏହା ପୂର୍ବରୁ ବଲାଙ୍ଗୀର ଜିଲା ଟିଟିଲାଗଡ ଉପଜିଲାପାଳ ଭାବେ ଦାୟିତ୍ୱ ତୁଲାଉଥିଲେ।

## ବଣ୍ଡା ସଂରକ୍ଷିତ ଜଙ୍ଗଲରେ ବନ ମହୋତ୍ସବ


ବଣ୍ଡା ଜଙ୍ଗଲରେ ଚାରା ରୋପଣ ଅବସରରେ ଅନ୍ୟମାନଙ୍କ ସହ ବିଧାୟକ ନରସିଂହ ମିଶ୍ର।

ବଲାଙ୍ଗୀର ଅଫିସ, ୬।୭

ବଲାଙ୍ଗୀରର ବଣ୍ଡା ସଂରକ୍ଷିତ ଜଙ୍ଗଲରେ ଜିଲା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୭୨ତମ ବନ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ଡିଏଫ୍‌ଓ ସମୀର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ ମହୋତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ । ପ୍ରାରମ୍ଭରେ ଏସିଏଫ୍ ବାବାଜୀ ଚରଣ ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ମିଶ୍ରଙ୍କ ପ୍ରଚେଷ୍ଟା ଯୋଗୁ ଜିଲାରେ ଜଙ୍ଗଲର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଡିଏଫ୍‌ଓ ଶତପଥୀ ସୂଚନା ଦେଇଥିଲେ । ବଲାଙ୍ଗୀର ସଦର ବ୍ଲକ ବରକାନୀ ପାଖରେ ଥିବା ଚାନ୍ଦଲି ପାହାଡ ନିକଟରେ ଥିବା ଜଳଉତ୍ସ ଓ ରାସ୍ତାଦେଇ ପାଟଣାଗଡ ରାସ୍ତା ପର୍ଯ୍ୟନ୍ତ ଏକ ଇକୋ-ଟୁରିଜମ କରିଡର ନିର୍ମାଣ କରାଯିବ। ସେ ଉପରେ ଏକ ପ୍ରସ୍ତାବ ପଠାଇବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ତିନି ବନସୁରକ୍ଷା ସମିତି ସାଲେପଡା, ବାଙ୍କେଲ ଏବଂ ବେହେରାପାଣି ବନସୁରକ୍ଷା ସମିତିକୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗନ୍ଧରେଲ ବନ ସୁରକ୍ଷା ସମିତି ସଭାପତି ମନୋରଞ୍ଜନ ସାଏ, ରେଞ୍ଜର ବିଜୟ ଖୁଣ୍ଟିଆ, ଏସିଏଫ୍ ଅଜିତ କୁମାର ବିଶି, ବିଷ୍ଣୁ ପ୍ରସାଦ କେଡିଆ ଉପସ୍ଥିତ ଥିଲେ।

## ଫସଲ ବୀମା ପ୍ରଦାନ ଦାବିରେ ପଦଯାତ୍ରା


ଜିଲା ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ପଦଯାତ୍ରା।

ଗୋଲାମୁଣ୍ଡା, ୬।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ମରୁଡି ଘୋଷଣା କରାଯାଇଥିବା ସବୁ ପଞ୍ଚାୟତ ଚାଷୀଙ୍କୁ ଫସଲ ବୀମା ପ୍ରଦାନ ଦାବିରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର କେଗାଁରୁ ଗୋଲାମୁଣ୍ଡା ପର୍ଯ୍ୟନ୍ତ ୧୫ କି.ମି. ପଦଯାତ୍ରା କରାଯାଇଛି। ଗୋଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଦାବି ପୂରଣ ନ ହୁଏ ତା ହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ବୋଲି କଳାହାଣ୍ଡି ଯୁବ କଂଗ୍ରେସ ଜିଲା ସଭାପତି ଚେତାବନୀ ଦେଇଛନ୍ତି। ମଙ୍ଗଳବାର କଳାହାଣ୍ଡି ଯୁବ କଂଗ୍ରେସ ଜିଲା ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ କେଗାଁଠାରୁ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୫ କି.ମି. ପଦଯାତ୍ରା କରିଥିଲେ। ପଦଯାତ୍ରାରେ ଜିଲା ଯୁବ କଂଗ୍ରେସ ସଭାପତି ସାଉଲ, ଧର୍ମଗଡ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦିଗାମ୍ବର ଦୁରିଆ, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗା, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ଡାକେଶ୍ୱର ଲହଜାଲ, ଗୋଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ସରତ ଭୋଇ, କାର୍ଯ୍ୟକାରୀ ସଭାପତି ନଉକେଶ୍ୱର ପଟେଲ, ଗୋଲାମୁଣ୍ଡା ବ୍ଲକ ଯୁବ କଂଗ୍ରେସ ସଭାପତି ଲମ୍ବୋଧର ଜାଲ, ମହିଳା ସଭାନେତ୍ରୀ ପୁଷ୍ପଲତା ବିହାରୀ, ଓଡିଶା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ପ୍ରତି ଅବହେଳା ନେଇ କ୍ଷୋଭ

ବୌଦ୍ଧ,୬।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାଜପା ୭ ନମ୍ବର ଜୋନର ଏକ ସାଧାରଣ ବୈଠକ ମଣ୍ଡଳ ସଭାପତି ଗଣେଶ୍ୱର ବେହେରାଙ୍କ ଅଧକ୍ଷତାରେ ଦେବଗଡ ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସହରର ଉପାନ୍ତରେ ଥିବା ଏହି ଅଞ୍ଚଳର ଚାଷୀଙ୍କ ପ୍ରତି ସରକାର ଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ସେହିପରି କେନ୍ଦ୍ରୀୟ ଯୋଜନାଗୁଡିକୁ ଦଳୀୟ ଭିତ୍ତିରେ ଦିଆଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଏନେଇ ବୈଠକରେ ଉଦବେଗ ପ୍ରକାଶ କରାଯାଇଥିଲା। ଚଳିତବର୍ଷ ବୌଦ୍ଧ ଜିଲାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ଟାର୍ଗେଟ ଦିଆ ନ ଯିବାରୁ ଅନେକ ଗରିବ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେବେ। ତେଣୁ ଭବିଷ୍ୟତରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସ୍ଥିର କରାଯାଇଥିଲା। ଖରିଫ ଚାଷ ପାଇଁ ପର୍ଯ୍ୟାପ୍ତ ପରିମାଣରେ ସାର ଓ ଔଷଧ ମହଜୁଦ ରଖିବାକୁ ଜିଲା କୃଷି ବିଭାଗକୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ଦଳୀୟ ପ୍ରାର୍ଥୀମାନଙ୍କୁ ଦୃଢ ସମର୍ଥନ ଜଣାଇ ବିଜୟୀ କରାଇବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଥିଲା। ବୈଠକରେ ଶମ୍ଭୁ ପ୍ରଧାନ, ସୁଦାମ ମେଣ୍ଡିଲି, ନରେନ୍ଦ୍ର ଷାଣ୍ଡେ, ସୁନିଲ କ୍ଷେତି, କୈବଲ୍ୟ ପ୍ରଧାନ,ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ଓ ଯୁଗଳ କିଶୋର ସାହୁଙ୍କ ସମେତ ୩୦ ଜଣ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ଏନ୍‌ଟିଏସ୍‌ଇରେ ବିକାଶ ଛାତ୍ରୀଙ୍କ ସଫଳତା


କୃତୀଛାତ୍ରୀଙ୍କୁ ବିକାଶ ଗ୍ରୁପ୍ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି।

ବରଗଡ଼ ଅଫିସ,୬।୭

ରାଜ୍ୟସ୍ତରୀୟ ଏନ୍‌ଟିଏସ୍‌ଇ ୨୦୨୦-୨୧ ଷ୍ଟେଜ-୧ରେ ବିକାଶ ଆବାସିକ ବିଦ୍ୟାଳୟ ବରଗଡ଼ର ଦଶମ ଶ୍ରେଣୀ ଛାତ୍ରୀ ଜିୟା ମିଶ୍ର କୃତିତ୍ୱ ହାସଲ ସହିତ ଷ୍ଟେଜ-୨କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବରଗଡ଼ ଜିଲାରେ ସାଧାରଣ ବର୍ଗରେ ଏହି ସଫଳତା ପାଇବାରେ ଜିୟା ଏକମାତ୍ର ଛାତ୍ରୀ ବୋଲି ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) କହିଛନ୍ତି। ଆଇଆଇଟି-ଅଲିମ୍ପିଆଡ଼ ଏକାଡ଼େମୀର ପ୍ରୟାସ ଏବଂ ଏନ୍‌ଟିଏସ୍‌ଇର ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା ପାଇଁ ସେକେଣ୍ଡାରୀ ଶିକ୍ଷୟିତ୍ରୀ, ଶିକ୍ଷକ, କୃତୀ ଛାତ୍ରୀ ଜିୟା ଏବଂ ତାଙ୍କ ପରିବାର ଲୋକଙ୍କୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକାଡ଼େମିକ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଚିତ୍ତରଞ୍ଜନ ପତି ପ୍ରମୁଖ କୃତୀ ଛାତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କରୋନା ସଚେତନତା, ମାସ୍କ ବଣ୍ଟନ

କେସିଙ୍ଗା, ୬।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର କାଣ୍ଡେଲ ଗ୍ରାମରେ ମଙ୍ଗଳବାର କରୋନା ସଚେତନତା ଏବଂ ମାସ୍କ ବଣ୍ଟନ କରାଯାଇଛି। ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଏବଂ ଦଳର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିଷଦ ସଦସ୍ୟ ବିଜୁ ଜନତା ଦଳ ଭବାନୀଶଙ୍କର ନିଆଲଙ୍କ ଆହ୍ୱାନରେ ଟିମ ଜୈ ଭବାନୀ ସଙ୍ଗଠନ ପକ୍ଷରୁ କାଣ୍ଡେଲ ପଞ୍ଚାୟତରେ କରୋନା ସଚେତନତା ଏବଂ ମାସ୍କ ବଣ୍ଟନ କରାଯାଇଛି। ଏହି ଅବସରରେ ଏକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମାସ୍କ ବଣ୍ଟନ ଓ କରୋନା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ହରେକୃଷ୍ଣ ଧଳ ଏବଂ ସମ୍ମାନିତ ଅତିଥି ଭାବେ ପ୍ରତିଭା ରାୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ଟିମ ମୁଖ୍ୟ ଉପଦେଷ୍ଟା ଭବାନୀ ସାହୁ, ସଂଯୋଜକ ଖୁସିରାମ ସାହୁଙ୍କ ସମେତ ଦୁର୍ଯ୍ୟୋଧନ ସାହୁ, ଚୂଡାମଣି ସାହୁ, ରୁଦ୍ର ସାହୁ, କ୍ଷୀରସିନ୍ଧୁ ବାଗ ଏଥିରେ ସହଯୋଗ କରିଥିଲେ।

## ବନ ମହୋତ୍ସବରେ ଚାରାରୋପଣ

ବରଗଡ଼ ଅଫିସ,୬।୭

ବରଗଡ଼ ଜିଲା ଅତାବିରା ବ୍ଲକ ଜହ୍ନାପଡ଼ା କ୍ଲଷ୍ଟର ଅଧୀନ ବରାହମୁଣ୍ଡା ଉଚ୍ଚ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ ବୃକ୍ଷଚାରା ରୋପଣ କରାଯାଇଥିଲା । ପ୍ରଧାନଶିକ୍ଷକ ସନ୍ତୋଷ କାଲୋ, ଶିକ୍ଷକ ପ୍ରେମାନନ୍ଦ ସାହୁ, ଶିକ୍ଷୟିତ୍ରୀ ସାନ୍ତରା ପ୍ରଧାନ, ସିଆରସିସି ସୁରେନ୍ଦ୍ର ଭୋସାଗରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବୃକ୍ଷଚାରା ରୋପଣ କରିଥିଲେ। ବରଗଡ଼ ଟ୍ରଷ୍ଟ ଫଣ୍ଡ କଲେଜରେ ଅଧ୍ୟକ୍ଷ ଡଃ ସରୋଜ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କରାଯାଇଥିଲା। ସେହିପରି ବରଗଡ଼ କଣ୍ଟାଟିକ୍ରାସ୍ଥିତ ମାଁ ମେଟାକାନୀ ମନ୍ଦିର ରାସ୍ତାପାର୍ଶ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ବେହେରା, ପ୍ରକୃତିବନ୍ଧୁ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରସରା ଗ୍ରାମରେ ଅନୁଠେିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସରପଞ୍ଚ ମିଳନ ନାଗ, ପୂର୍ବତନ ବିଧାୟକ ସାଧୁଚରଣ ନେପାକ ପ୍ରମୁଖ ଉପସ୍ଥିତ ଥିଲେ।

# ଛତିଶଗଡ଼ ଧାନ ନେଇ ତନାଘନା

- ଜବତ ହେଲା ୧୩ଲକ୍ଷ ଟଙ୍କାର ଧାନ
- ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ପଦ୍ମପୁର,୬।୭(ଡି.ଏନ.ଏ)


ଜବତ ଧାନ ବୋଝେଇ ଟ୍ରକ୍।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସତୀଭଟା ନିକଟରୁ ସୋମବାର ରାତିରେ ଧରାପଡ଼ିଥିବା ୪ଟି ଧାନ ବୋଝେଇ ଟ୍ରକ୍‌କୁ ନେଇ ଯୋଗାଣ ବିଭାଗ ତନାଘନା ଚଳାଇଛି। ଧାନ ବୋଝେଇ ଟ୍ରକ୍ ଗୁଡ଼ିକ ଛତିଶଗଡ଼ରୁ ଆସିଥିବା ଏବଂ ଏହି ରାଜ୍ୟର ବସନାରେ ଲୋଡ଼ ହୋଇଥିବା ସୂଚନା ମିଳିଛି। ସେହିପରି ଧରାପଡ଼ିଥିବା ଟ୍ରକ ଗୁଡ଼ିକରେ ସମୁଦାୟ ୧୮୩୦ ପ୍ୟାକେଟ୍ ଧାନ ରହିଛି ଏବଂ ଆନୁମାନିକ ମୂଲ୍ୟ ପ୍ରାୟ ୧୩ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ସହକାରୀ ଯୋଗାଣ ଅଧିକାରୀ ଦିବ୍ୟସିଂ ବଡ଼ମାଳି କହିଛନ୍ତି । ଜବତ ଧାନକୁ ପଦ୍ମପୁରର ଏକ ରାଇସ୍ ମିଲ୍ ଜିମା ଦିଆଯାଇଛି। ରାଜ୍ୟରେ ରବିଧାନ କ୍ରୟ ବନ୍ଦ ହୋଇସାରି ଥିବାବେଳେ ବରଗଡ଼କୁ ଛତିଶଗଡ଼ରୁ କିଭଳି ଧାନ ଆସୁଥିଲା ଏବଂ ତାହା କେଉଁ ରାଇସ୍ ମିଲ୍‌କୁ ଯାଉଥିଲା ତାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ଛତିଶଗଡ଼ରୁ ବରଗଡ଼କୁ ଧାନ ଚାଲାଣ ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏଭଳି ଘଟଣା ଧରାପଡ଼ିଛି। ମାତ୍ର ସେ କ୍ଷେତ୍ରରେ କିଭଳି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆଗଲା, ସେ ନେଇ ଏବେ ମଧ୍ୟ ଲୋକେ ଅନ୍ଧାରରେ ରହିଛନ୍ତି। ତେବେ ସୋମବାର ରାତ୍ରିରେ ଧାନ ଟ୍ରକ୍ ଧରାପଡ଼ିବା ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉଛି ନା ଚାପି ଦେଉଛି, ତାହା ପରେ ଜଣାପଡ଼ିବ ।